ORIYA ALPHABET AND SPELLING READER

BY

SITANATH RAY

FOURTH EDITION

ବର୍ଣ୍ଣବୋଧ ।

ଶ୍ରୀସୀତାନାଥ ରାୟ [illegible]

[illegible]



PRINTER SHEKH NAZIR MOHAMMAD.
PUBLISHED BY THE PROPRIETOR OF
EDWARD PRESS; CUTTACK 1920.

TWO ANNA. [illegible]

ବର୍ଣ୍ଣବୋଧ ।

ସ୍ୱରବର୍ଣ୍ଣ ।

ଅ	ଆ	ଇ	ଈ	ଉ	ଊ
ଋ	ଌ	ଏ	ଐ	ଓ	ଔ

ସ୍ୱରବର୍ଣ୍ଣ ପରୀକ୍ଷା ।

ଅ ଈ ଌ ଉ ଐ ଋ

ଓ ଏ ଆ ଔ ଇ ଊ



ବର୍ଣ୍ଣବୋଧ ।

ବ୍ୟଞ୍ଜନବର୍ଣ୍ଣ ।

କ	ଖ	ଗ	ଘ	ଙ
ଚ	ଛ	ଜ	ଝ	ଞ
ଟ	ଠ	ଡ	ଢ	ଣ
ତ	ଥ	ଦ	ଧ	ନ
ପ	ଫ	ବ	ଭ	ମ

ଯ	ର	ଲ	ବ
ଶ	ଷ	ସ	ହ
ଡ଼	ଢ଼	ୟ	ଳ

ଂ	ଃ	ଁ

ବ୍ୟଞ୍ଜନବର୍ଣ୍ଣ ପରୀକ୍ଷା ।

ଢ ଦ ବ ଶ ଝ ମ ଛ ଲ ଘ ପ ଠ ଣ ଢ

ଚ ଟ ଞ ଦ ତ ଧ ଃ ଯ ୟ ଖ ଢ଼ ତ୍ତ ଂ

ସ ଡ଼ ଲ ଭ ଝ ଫ ନ୍ ନ ଁ ଥ ଡ ଗ ଙ

୧ମ ପାଠ ।

ରଖ ଅଖ ଉଇ ଋଣ

ଈଶ ଏକ ଔଃ ଐର

ବର ଘର କର ଚଢ଼

ଧବଳ କମଠ ପରମ

ଯଉନ କରଣ ବରଠ

ହରଷ ଫସଲ ଭରମ

ଶଶଧର ହରବର

ହଲଧର ଜଳଚର


ଜଳଘଟ ବରଗଛ

୭ମ ପାଠ । ହଳନ୍ତ ଚିହ୍ନ (୍) ।

ଚକ୍ଚକ୍ ଝକ୍ଝକ୍ ଖସ୍ଖସ୍ ଠନ୍ଠନ୍ ଦପ୍ଦପ୍
ଠକ୍ଠକ୍ ଝପ୍ଝପ୍ ଝିକ୍ଝିକ୍ ଅସଲ୍ ହଷଲ୍

ଝକ୍ଝକ୍ ନ କର । ଝପ୍ଝପ୍ ଆସ ।
ଦପ୍ଦପ୍ ଜଳଇ । ଝପ୍ଝପ୍ ଜଳ ପଡ଼ଇ ।

୮ମ ପାଠ । ଆକାର ଯୋଗ (ଆ=ା)



କ୍ + ଅ = କା । ଖା ଗା ଘା ଚା (ଙ୍କ) ଛା ଜା ଝା ଟା ଠା
ଡା ଢା ଣା ତା ଥା ଦା ଧା ନା ପା ଫା ବା (ଭା)
ମା ଯା ରା (ଲ) ଳା ବା ଶା ଷା ସା ହା ।

ମାଛ ଘର ଯାଉ ଖାଉ ଡାଳ ବାଛ ଧାନ
କୂଷ ଘାସ ବାଢ଼ ହାଟ ବାଘ ଟଙ୍କା ବାଜା
ସ୍ତ୍ରୀ ନଡ଼ା ଛଡ଼ା ପାଗ୍ ଶାଣ ମାଂସ ବାସ

ଏକଥା ମନଥା ଭଜନା ବାସନା କାରଣ ପ୍ରାଣ
ପାହ୍ଣ୍ୟ ପଳାଶ ଭାବନା ସାଧନା ସକାଳ ପଞ୍ଚାଳି
ଚଢ଼ାଇ ବଢ଼ାଇ କାନନ ଶାସନ କମଳା ସରଳା


ବ୍ରାହ୍ମଣ ନାରାୟଣ ଉପବାସ ଅବକାଶ ଦ୍ରଜପଣ
ଔରଙ୍ଗବଢ ରାଧାନାଥ ବାଲୁଗଣ ଯାଜକଗଣ ଧନବାନ

ମାଧବ ଜାଣଇ । ଯାଦବ ହସଇ । ଆକାଶରୁ ଢାଳୁ । ବରଷାର ଧାର ।
ଶୁଣକର । ହାତଧର । ଆଷାଢ଼ମାସ ବରଷାକାଳ । ବଳରାମଦାସ । ପାଠଶାଳା ।



ଏ ଚଷମା କାହାର ?

ଏ ଚଷମା ଅକାର ।



ପାଠ ପଢ଼ ଆଜ୍ଞା ମନ ଲଗାଇ,

ଆଉ କଥାମାନ ପଢ଼ ପକାଇ ।

୪ର୍ଥ ପାଠ । ହ୍ରସ୍ୱଇକାର ଯୋଗ । (ଇ=ି)

କ୍+ଇ=କି । ଖି ଗି ଘି ଚି ଛି ଜି ଝି ଞି ଟି ଠି ଡି ଢି ଣି ତି ଥି (ଦି) ଧି ନି ପି ଫି ବି ଭି ମି ଯି ରି ଲି ଳି ଶି ଷି ସି ହି ।

ରବି ଛବି ଗତି ମତି ପତି ଦିନ ରାତି ଦଧି
ବିଧି ନିଧି କାଠି ଛତି ଗିରି ଚଢ଼ି ପାଣି ମଣି

ଦିବସ ମହିଷ ନଡିଆ ପଡିଆ ଗଡିଆ ତିମିର
କାଳିକା ବାଳିକା ଶିଶିର ଅଚିର ବଧିର ମନ୍ଦିର
କପିଳ ଶିଥିଳ ହରିଣ କିରଣ ମହିମା ଗାଣ୍ଡିବ

ଅତିଶୟ ପରିଚୟ ପରିହାସ ଅଭିଳାଷ ଇତିହାସ
ବିଡିଗାଡ଼ି ପନ୍ଦିବାଡ଼ି କାଳିଦାସ ଭଲପାଣି ଚିନ୍ତାମଣି


ହରି ପାହିଲାଣି ରାତି କାହିଁ । ଉଠ ରାମ ଯାଅ ନ କର ଆଉ

୬ଷ ପାଠ ଦୀର୍ଘଈକାର ଯୋଗ । (ଈ=ୀ)

କ୍+ଈ=କୀ । ଖୀ ଗୀ ଘୀ ଙୀ ଚୀ ଛୀ ଜୀ ଝୀ ଞୀ ଟୀ ଠୀ ଡୀ ଢୀ ଣୀ
ତୀ ଥୀ ଦୀ ଧୀ ନୀ ପୀ ଫୀ ବୀ ଭୀ ମୀ ଯୀ ରୀ ଲୀ ଶୀ ଷୀ ସୀ ହୀ ।

ଗୀତ	ଶୀତ	ନୀତ	ଭୀତ	ହୀନ	ପୀତ	ହୀର
ନୀରଂ	ଶୀର	ଧୀର	ଚୀର	ନୀଡ	ବାଣୀ	ମାଳୀ
ଶଶୀ	ଜୀବ	ଚାନ୍ଦୀ	ହୀନ	ଦାସୀ	କାଶୀ	ଧନୀ

ଜନନୀ	ଭଗିନୀ	ଯୁବତୀ	ରମଣୀ	ତରଣୀ	ଧରଣୀ
ଶରୀର	ଗମ୍ଭୀର	ଭୀଷଣ	ଜୀବନ	କଦଳୀ	ପାଟଳୀ
ଲୀଳାବତୀ	ସୀତାପତି	ଉଦାସୀନ	ପରାଧୀନ	ଉପନୀତ	ଉପସ୍ଥିତ
ଭଗବତୀ	ମାନନୀୟ	ସ୍ୱାଧୀନ	ଜନ୍ମଦାସୀ	ସୀତାପତି	ବହୁବସ୍ତ୍ରୀ



କାହାଳୀ ବାଜିଲା,
ପାଇକ ସାଜିଲା ।
ଗୀତ ଗାଇ ଧୀର,
ଯିବା ନଦୀତୀର ।

୭ମ ପାଠ । ହ୍ରସ୍ୱଉକାର ଯୋଗ । (ଉ=ୁ)

କ+ଉ=କୁ । ଖୁ ଗୁ ଘୁ ଙୁ ଚୁ ଛୁ ଜୁ ଝୁ ଞୁ ଟୁ ଠୁ ଡୁ ଢୁ ଣୁ
ତୁ ଥୁ ଦୁ ଧୁ ନୁ ପୁ ଫୁ ବୁ ଭୁ ମୁ ଯୁ ରୁ ଲୁ ଶୁ ଷୁ ସୁ ହୁ ।

ମଧୁ	ମୁଖ	ବିଧୁ	ତରୁ	କାହୁ	ଗୁରୁ	ଇନ୍ଦୁ
ସରୁ	ବିନ୍ଦୁ	ଯଦୁ	ଘାଟୁ	ଶତ୍ରୁ	ସୁଖ	ଧନୁ
ଗୁଣ	ପୁଣ	ଫୁଲ	ତୁଳା	ସୁନା	ଗୁଣୀ	ତନୁ

ସୁଧୀର ସୁଚେର ମାଧୁର୍ଯ୍ୟ ଚତୁର୍ଥ ମୁରଳୀ
କୁକୁର ମଧୁର ଅସୁର ମାଥୁର ଚିକୁଳ
କୁସୁମ କୁଙ୍କୁମ ମରୁତ କୁଟର କରୁଣା



ମଧୁ ଋତୁ ଆସିବାରୁ, ଉପବନ ଅଙ୍କୁରୁ ।
ଫୁଟିଅଛି ନାନା ଫୁଲ,ମଲ୍ଲୀ ଶେଫାଳୀ ବଉଳ ।
ଯୁଇ ଜାଇ କୁରୁଅନା,କିଆ ମାଧବୀ ଦଅଣା


୭ମ ପାଠ । ଦୀର୍ଘ ଊ କାର ଯୋଗ [ଊ = ୂ]

କ୍ + ଊ = କୂ । ଖୂ ଗୂ ଘୂ ଚୂ ଛୂ ଜୂ ଝୂ ଟୂ ଠୂ ଇତ୍ୟାଦି ।

ରୂପ ମୂଳ ପୂତ ଦୂର କୂପ ସୂଚ କୂଳ ଭୂପ
ସୂତ ଶୂର ଶୂଳ ଭୂତ ଚୂନ ମୂଢ଼ ଗୂଢ଼ ଦୂତ

ନୂତନ ଭୂଧର ମୂଷିକ ଶୂକର ମୟୂର ନୂପୁର
ଅକୂଳ ଭୂତଳ ଧୂମଳ ବକୂତ ଭୂଚର ଧୂସର

ଉପକୂଳ ଅନୁକୂଳ ଅମୂଲକ କୁତୂହଳ ଅପରୂପ ବଶୀଭୂତ
ଦୂରୀଭୂତ ନଦୀକୂଳ ଗନ୍ଧମୂଳ ଦୂଷଣୀୟ ବଦୂଷକ ବଭୂଷଣ
କୂପଜଳ ସୁଶୀତଳ ମଞ୍ଜୁରୂପ ତରୁମୂଳ



ଘନ ଗରଜଇ, ବିଜୁଳି ମାରଇ ।
ମୟୂର ନାଚଇ, ଚାତକ ଡାକଇ ।

୮ମ ପାଠ । ଋକାର ଯୋଗ । [ଋ = ୃ]

କ + ଋ = କୃ । ଖୃ ଗୃ ଘୃ ଚୃ ଛୃ ଜୃ ଝୃ ଟୃ ଠୃ ଡୃ ଢୃ
ତୃ ଥୃ ଦୃ ଧୃ ନୃ ପୃ ଫୃ ବୃ ଭୃ ମୃ ଯୃ ଶୃ ଷୃ ସୃ ହୃ ।

ଘୃତ ମୃତ କୃପା ବୃଥା ଶୃଙ୍ଗ କୃମି ଗୃଧ ମୃଗ ଋଣ
ଦୃଢ଼ ନୃପ ତୃଣ ହୃତ ଧୃତ ତୃଷା କୃତ ହୃଦ ବୃଥା

ଅମୃତ ବୃହତ୍ ସୁହୃଦ ଆବୃତ ବିକୃତ ଘୃଷିତ
ବୃଷଭ ଶୃଗାଳ କୃଷକ ମୃଗୁଣୀ ଘୃଗୁଣୀ ଘୃଣିତ
ସଦୃଶ ଈଦୃଶ ତାଦୃଶ ଯାଦୃଶ କୀଦୃଶ ନୃପତି



ମୃଗ ତୃଣ ଖାଇ ବୁଲଇ ବନ,
ବାସ ବନାଅଇ ତାରଜୀବନ ।

୯ମ ପାଠ । ଏକାର ଯୋଗ । [ଏ = େ]

କ୍ + ଏ = କେ । ଖେ ଗେ ଘେ ଚେ ଛେ ଜେ ଝେ ଟେ ଠେ
ଡେ ଢେ ତେ ଥେ ଦେ ଧେ ନେ ପେ ଫେ ବେ ଭେ
ମେ ଯେ ରେ ଲେ ଶେ ଷେ ସେ ହେ ।

ବେଲ ବେଣୁ ଖେଳା ଦେଶ ତେଲ ରେଣୁ
ମେଳା ମେଷ ଖେଦ ଛେଦ ସେବା ଲେଶ
ସେବକ ଲେଖକ ପେଚକ ଆଦେଶ ଚେତନ ଯେବକ
ବେତନ ବିଦେଶ ଦେଦେଲା ଦେବର ନିଷେଧ ଦେବକୀ



ମେଷ ଛୁଅନ୍ତୁ ଦେଶ । ପାଇଲା ଦେଶକୁ ବୁଝ ।
ଖାଦ୍ୟକୁ ନ ଦେଉ ଦୁଃଖ । ସ୍ତୁତିକଥା ମନେ ଦେଖ ।
ଦେଖା ନ କର ଶିକ୍ଷଣ । ଦେଖା ଦେଖାରେ ଦେଇ ମନ

୧୦ମ ପାଠ । ଐକାର ଯୋଗ । (ଐ=ୈ)

କ+ଐ=କୈ । ଖୈ ଗୈ ଘୈ ଚୈ ଛୈ ଜୈ ଝୈ ଟୈ ଠୈ
ଡୈ ଢୈ ଣୈ ତୈ ଥୈ ଦୈ ଧୈ ନୈ ପୈ ଫୈ ବୈ ଭୈ
ମୈ ଯୈ ରୈ ଲୈ ବୈ ଶୈ ଷୈ ସୈ ହୈ ।

ବୈର	ଶୈବ	ବୈଠା	ଶୈଳ	ଦୈବ	ବୈଶ୍ୟ
ବୈଧ	ଜୈନ	ହୈମ	ନୈଶ	ଘୈଢା	ତୈଳ
ବୈଦ୍ୟ	ନୈଷ୍ଠିକ	ପୈତୃକ	ଦୈଶିକ	ଦୈହିକ	ବୈଶାଖ
ବୈଭବ	ଭୈରବ	ଶୈଶବ	ଚୈତନ୍ୟ	କୈଳାସ	ନୈମିଷ

ତୈଳ ଅଣ । ଘୈଢା ଦେଶ । କୈଳାସ ବଡ଼ ପାହାଡ଼ ।
ଚୈତ୍ର ମାସରେ ତରୁ ଲତାଦି ମୁକୁଳିତ ହୁଏ ।
ବୈଶାଖ ମାସରେ ବଡ଼ ଖରା, ଅତି ତପତ ହୁଏ ଧରା ।



୧୧ଶ ପାଠ । ଓକାର ଯୋଗ । (ଓ=ୋ)

କ+ଓ=କୋ । ଖୋ ଗୋ ଘୋ ଚୋ ଛୋ ଜୋ ଝୋ ଟୋ ଠୋ
ଡୋ ଢୋ ଣୋ ତୋ ଥୋ ଦୋ ଧୋ ନୋ ପୋ ଫୋ ବୋ ଭୋ
ମୋ ଯୋ ରୋ ଲୋ ବୋ ଶୋ ଷୋ ସୋ ହୋ ।

ରୋଗ	ଶୋକ	ଘୋଡ଼ା	ମୋଡ଼	ଲୋଭ	ଲୋଖ
ଯୋଡ଼ା	ଦୋଳ	ମୋଡ଼ା	ଭୋଗ	ଝୋଳ	ଗୋଡ଼
ଗୋପାଳ	ଗୋହାଳ	ବୋତଲ	ଶୋଧିତ	ବିନୋଦ	ଆମୋଦ
କଠୋର	ଉଦୋର	ବୋଇତ	କପୋତ	ଲୋଲୁପ	ଯୋଜନ

ଗୋରୁ ଖାଏ କୋମଳ ଘାସ । ଯୋତରେ ଢଳଅ ଧରୁଛି ଗୁଷ ।
ମଧୁର କହନ୍ତୁ ବଚନ । ଯହିଁ ତୋଷିବ ଲୋକ ମନ ।

୧୨ଶ ପାଠ । ଔକାର ଯୋଗ । (ଔ=ୌ)

କ+ଔ=କୌ । ଖୌ ଗୌ ଘୌ ଚୌ ଛୌ ଜୌ ଝୌ ଟୌ ଠୌ
ଡୌ ଢୌ ଣୌ ତୌ ଥୌ ଦୌ ଧୌ ନୌ ପୌ ଫୌ ବୌ ଭୌ
ମୌ ଯୌ ରୌ ଲୌ ବୌ ଶୌ ଷୌ ସୌ ହୌ ।

ପୌଷ	ଚୌର	ମୌନ	ପୌର	ସୌର	ଗୌଣୀ
ଶୌଚ	ଲୌହ	ଗୌଡ଼	ଗୌର	ସୌଧ	ଗୌଷ୍ଠ
ଗୌରବ	ଯୌତୁକ	ମୌକ୍ତିକ	ଲୌକିକ	କୌରବ	କୌତୁକ
କୌଶଳ	ସୌରଭ	କୌପୀନ	ପୌରୁଷ	ଚୌପାର	ରୌରବ

ପୌଷ ମାସରେ ବଡ଼ ଶୀତ, ସିଆଳ ଭୁକ୍ଲ କରେ ହତ ।

୧୩ଶ ପାଠ । (ଂ) ଅନୁସ୍ୱାର ଯୋଗ ।

କ୍ (ଅ)ଂ = କଂ । କ୍ (ଆ)ଂ = କାଂ । କ୍ (ଇ)ଂ = କିଂ ।

କଂସ	ବଂଶ	ହଂସ	ମାଂସ	ଦଂଶ	ଅଂଶ
ହଂସୀ	ବଂଶୀ	ଅଂଶୀ	ସିଂହ	ହଂସା	ଅଂଶୁ
ସଂସାର	ସଂହାର	ସଂଶୟ	ସଂଯୋଗ	କଳଂକ	ମୀମାଂସା
ଦଂଶନ	ବଂଶଜ	ବଂଶଜ	ସଂବାଦ	ସଂଗୀତ	ସୁଧାଂଶୁ



ବଂଶୀ ବାଜଇ ଅତି ଦୂରେ, ଶୁଣ ଶବ୍ଦ ସ୍ୱରସରେ ।
ସିଂହ ବୁଲଇ ଘୋରବନ, ଶବର ନାଶେ ତା ଜୀବନ ।

୧୪ଶ ପାଠ । ଃ ବିସର୍ଗ ଯୋଗ ।

କ (ଅ)ଃ = କଃ । କ୍ (ଆ)ଃ = କାଃ । ଦ୍ (ଉ)ଃ = ଦୁଃ ।

ଦୁଃଖ	ଦୁଃଖୀ	ଦୁଃଖିତ	ଦୁଃଶୀଳ	ନିଃଶେଷ
ଦୁଃସାହସ	ଦୁଃସମୟ	ଅଧଃପାତ	ନିଃସହାୟ	ମନଃପୂତ

ସୁଖ ଦୁଃଖ ଏ ସଂସାରରେ । ଲାଗିଛି ଏକ ଏକ ପରେ ।
କେବେ ନ କର ଦୁଃସାହସ । ନିଃଶେଷ କର ରୋଗ ନାଶ ।

୧୫ଶ ପାଠ । (ଁ) ଚନ୍ଦ୍ରବିନ୍ଦୁ ।

କଁ କଁ । ଖଁ ଖଁ । ହଁ ହଁ ।

ପାଉଁଶ	ବାଉଁଶ	ଯାଆଁଳା	କଅଁଳା
ଚଉଁର	ଭଅଁର	ଚଉଁସ	କଉଁଚ

ଚକା ଚକା ଭଉଁରୀ । ମାମୁଘର ଚଉଁରୀ ।

ଲବ କୁଶ ଯାଆଁଳା ଭାଇ । ସାନବଡ଼ ବାରି ନୁହଇ ।

ମୁଁ ଡାହାଣ ହାତରେ ଛତା ଧରିଅଛି । ବାଁ ହାତରେ ସିଲେଟ ଓ ପୋଥି ଧରିଅଛି । ମୋ ମଥାରେ କେଶ କଳା । ଅଜା ମଥାରେ କେଶ ଧଳା । ମୋ ନାକର ଦୁଇଟା ପୁଡ଼ା ବାଟେ ପବନ ଯା ଆସ କରେ । ମୁଁ କାନବାଟେ ଶୁଣି ପାରେ । ଯାହାର ଆଖି ନାହିଁ ସେ ଦେଖି ପାରେ ନାହିଁ ।



ଠେକୁଆ ପଛେ କୁକୁର ଦଉଡ଼ୁଅଛି । ଠେକୁଆ ଆଉ ଦୂରକୁ ପଳାଇ ପାରିବ ନାହିଁ । କୁକୁର ତାହାକୁ ମାରି ମୁହଁରେ କାମୁଡ଼ି ନେଇ ଆସିବ ।

ଦ୍ୱିତୀୟଭାଗ ।

୧ମ ପାଠ । ୍ୟ ଯ ଫଳା ଯୋଗ ।

କ୍ + ଯ = କ୍ୟ । ଖ୍ୟ ଗ୍ୟ ଘ୍ୟ ଚ୍ୟ ଛ୍ୟ ଜ୍ୟ ଝ୍ୟ ଟ୍ୟ ଠ୍ୟ ଡ୍ୟ ଢ୍ୟ ଣ୍ୟ ତ୍ୟ ଥ୍ୟ ଦ୍ୟ ଧ୍ୟ ନ୍ୟ ପ୍ୟ ଫ୍ୟ ବ୍ୟ ଭ୍ୟ ମ୍ୟ ଯ୍ୟ ର୍ୟ ଲ୍ୟ ଳ୍ୟ ଶ୍ୟ ଷ୍ୟ ସ୍ୟ ହ୍ୟ ।

ପଣ୍ୟ ବାକ୍ୟ ସଭ୍ୟ ଭୁଜ୍ୟ ଯୋଗ୍ୟ ଶିଷ୍ୟ କଲ୍ୟ

ଧାନ୍ୟ ଶୂନ୍ୟ ମାନ୍ୟ ସୈନ୍ୟ ଶସ୍ୟ ଗଣ୍ୟ ନସ୍ୟ

ଅଖ୍ୟାତ ସୁଖ୍ୟାତ ଅଭାଗ୍ୟ ଆରୋଗ୍ୟ ଅଯୋଗ୍ୟ

ଅଗମ୍ୟ ଆଲୋଚ୍ୟ ଆଳସ୍ୟ ଅବଶ୍ୟ ବିଶେଷ୍ୟ

ବିଦ୍ୟାଳୟ ଆବଶ୍ୟକ ବ୍ୟବସାୟ ଅନଭ୍ୟାସ ଅଭ୍ୟାଗତ

ଆଳସ୍ୟ କେବେ ନ କରିବ । କୁବାକ୍ୟ କେବେ ନ ଭାଷିବ ।

ମିଥ୍ୟାକୁ ପାପ ବୋଲି ମଣି । ନିତ୍ୟ କହିବ ସତ୍ୟ ବାଣୀ ।

୨ୟ ପାଠ । ୍ର ର ଫଳା ଯୋଗ ।

କ+ର=କ୍ର (କ୍ର) । ଖ୍ର ଗ୍ର ଘ୍ର ଙ୍ର ଚ୍ର ଛ୍ର ଜ୍ର ଝ୍ର ଟ୍ର ଠ୍ର ଡ୍ର ଢ୍ର ଣ୍ର ତ୍ର ଥ୍ର
ଦ୍ର ଧ୍ର ନ୍ର ପ୍ର ଫ୍ର ବ୍ର ଭ୍ର ମ୍ର ଯ୍ର ର୍ର ଲ୍ର ଶ୍ର ଷ୍ର ସ୍ର ହ୍ର ।

ଚକ୍ର	ଚନ୍ଦ୍ର	ଇନ୍ଦ୍ର	ନମ୍ର	ଛିଦ୍ର	ରୌଦ୍ର
ମିତ୍ର	ବକ୍ର	ପତ୍ର	ତାମ୍ର	ଶତ୍ରୁ	ନମ୍ର
ଭ୍ରୂଣ	ଶୁକ୍ର	ପ୍ରାଣ	ଘ୍ରାଣ	ଅଶ୍ରୁ	ତ୍ରାଣ
ପ୍ରମାଣ	ଆଶ୍ରମ	ପ୍ରେରିତ	ମୁଦ୍ରିତ		ସହସ୍ର
ଚକ୍ରପାଣି	ବଜ୍ରାଘାତ	ପ୍ରଧାବିତ	ପ୍ରଜାପତି		ବକ୍ରଗତି

ଅଜସ୍ର ମୁଦ୍ରା କର ଦାନ । ଫେଡ଼ିବ ଦୁଃଖୀର କଷଣ ।
ଫୁଲଦଳରେ ପ୍ରଜାପତି । କରଇ କେତେ ବକ୍ରଗତି ।

୩ୟ ପାଠ । ୍ଲ ଲ ଫଳା ଯୋଗ ।

କ ଲ କ୍ଲ । ଗ୍ଲ ପ୍ଲ ମ୍ଲ ଶ୍ଲ ହ୍ଲ ।

ଶୁକ୍ଲ	ଅଲ୍ପ	କ୍ଲେଶ	ଶ୍ଳେଷ	କ୍ଲୀବ	ଗ୍ଲାନ	ମ୍ଲାନ	ହ୍ଲାଦ

ପ୍ରହ୍ଲାଦ	ପ୍ଲାବନ	ଅଶ୍ଳୀଳ	କଲ୍ଲୋଳ
ସଂଶ୍ଳେଷ	ଉଲ୍ଲାସ	ଆହ୍ଲାଦ	ଅମ୍ଳାନ
	ଭଲ୍ଲୁକ	ବିଶ୍ଳେଷ	ପ୍ଲାବକ
	ଆଶ୍ଳେଷ	ବାହ୍ଲୀକ	ବିପ୍ଲବ

କ୍ଲେଶ ନ ଦିଅ ଭାଙ୍ଗାର ମନେ । କେବେ ନ କହ ଶ୍ଳେଷ ବଚନେ ।
ନଦୀ ପ୍ଲାବନେ ବୁଡ଼େ ଦେଶ । ରାଷ୍ଟ୍ର ବିପ୍ଲବେ ସୁଖର ଶେଷ ।

୪ର୍ଥ ପାଠ । ୍ୱ ବ ଫଳା ଯୋଗ ।

ଡ ବ ଡ୍ୱ । କ୍ୱ ଟ ଟ୍ୱ (ତ୍ୱ) ଦ୍ୱ ନ ଲ୍ୱ ଶ୍ୱ ସ୍ୱ ହ୍ୱ ।

ସ୍ୱର	ଜ୍ୱର	ଧ୍ୱଂସ	ଅଶ୍ୱ	ବିଶ୍ୱ	ଦ୍ୱାର
ପକ୍ୱ	ତତ୍ତ୍ୱ	ଶ୍ୱାସ	ବିଲ୍ୱ	ଜ୍ୱାଳା	ହ୍ରସ୍ୱ
ଜିହ୍ୱା	ସ୍ୱାଦ	ଦ୍ୱିଜ	ଦ୍ୱୟ	ସତ୍ତ୍ୱା	ସାଧ୍ୱୀ

ସତ୍ୱ	ଶ୍ୱେତ	ତତ୍ୱ	ଦ୍ୱୀପ	ପୃଥ୍ୱୀ	ସ୍ୱାମୀ
ଈଶ୍ୱର	ସତ୍ୱର	ଗହ୍ୱର	ତପସ୍ୱୀ	ତେଜସ୍ୱୀ	ସୁପକ୍ୱ
ଅଶ୍ୱିନ	ଆହ୍ୱାନ	ସ୍ୱାଧୀନ	ସ୍ୱତ୍ୱ	ନିଃଶ୍ୱାସ	ବିଶ୍ୱାସ

ଦେଖ ଜଣେ ସାହେବ ଗୋଟିଏ ଅଶ୍ୱର ଲଗାମ ଧରିଅଛି । ଜ୍ୱର ହେଲେ ପଥ୍ୟ ଖାଇବ । ଭାଦ୍ର ଓ ଅଶ୍ୱିନମାସ ଶରତ୍‌କାଳ ଅଟେ ।



ଦ୍ୱାରେ ଦ୍ୱାରେ ମାଗି ବୁଲଇ ଦୁଃଖୀ । ଭିକ ଦେଇ ତାକୁ କରିବ ସୁଖୀ ।
ଅସୀମ ବିଶ୍ୱ ଆକାଶ ଯାହାର । ସେ ଈଶ୍ୱରଙ୍କ ପାଦେ ନମସ୍କାର ।

୫ମ ପାଠ । ୍ନ ନ ଫଳା ଯୋଗ ।

ଗ ନ ଗ୍ନ । ସ୍ନ ତ୍ନ (ତ୍ନ) ନ୍ନ ମ୍ନ ସ୍ନ ହ୍ନ ।

ଅନ୍ନ	ନିମ୍ନ	ଯତ୍ନ	ରତ୍ନ	ଛିନ୍ନ	ଭିନ୍ନ
ମଗ୍ନ	ଚିହ୍ନ	ଖିନ୍ନ	ଲଗ୍ନ	ବିଘ୍ନ	ସ୍ନାନ
ପ୍ରଶ୍ନ	ସ୍ୱପ୍ନ	ଅଗ୍ନି	ସ୍ନେହ	ବହ୍ନି	ଜହ୍ନି

କୃତଘ୍ନ	ମଧ୍ୟାହ୍ନ	ବିଭିନ୍ନ	ପ୍ରସନ୍ନ	ଦୁଃସ୍ୱପ୍ନ
ନିମଗ୍ନ	ଉଦ୍ୱିଗ୍ନ	ଅଯତ୍ନ	ପନ୍ନଗ	ଅନ୍ୱେଷ୍ଟୁ
ରତ୍ନାକର	ଜଗନ୍ନାଥ	ନିମ୍ନାସନ	ଅବସନ୍ନ	ସନ୍ନିଧାନ

ଜହ୍ନ ଉଦୟ ଆକାଶରେ,
ଚିହ୍ନ ଦିଶୁଛି ତା ଦେହରେ ।
ମଧ୍ୟାହ୍ନ କାଳେ ବଡ଼ ଖରା,
ଅଗ୍ନି ପ୍ରାୟକ ହୁଏ ଧରା ।



୬ଷ୍ଠ ପାଠ । ଫଳା ଯୋଗ ।

ଉଷ୍ମ	ଜନ୍ମ	ଭସ୍ମ	ପଦ୍ମ	ଗ୍ରୀଷ୍ମ	ବ୍ରହ୍ମ
ରୁକ୍ମି	ବାଗ୍ମୀ	ରଶ୍ମି	ରୁକ୍ମ	ବାଲ୍ମୀ	ସଦ୍ମ

ସ୍ମରଣ   ରୁକ୍ମିଣୀ   ପଦ୍ମିନୀ   ବ୍ରାହ୍ମଣ   ବ୍ରହ୍ମା   ଆତ୍ମଜ
ଆତ୍ମୀୟ   ସମ୍ମତ   ଉନ୍ମତ   ଉନ୍ମାଦ   ଶାଲ୍ମଳୀ   ଶ୍ମଶାନ
ସମ୍ମିଳିତ   ସ୍ୱସମ୍ମାନ   ପଦ୍ମାସନ   ଗୁଳ୍ମବୃକ୍ଷ   ଜନ୍ମଜନ୍ମ
ଉନ୍ମୂଳିତ   ପରମାତ୍ମା   ପରାଙ୍ମୁଖ   ରଶ୍ମିଜାଳ   ଛଦ୍ମବେଶ

ଜନ୍ମ ହେଲେ ମରଣ ହେବ । ଗ୍ରୀଷ୍ମକାଳରେ ନାନାପ୍ରକାର ଫୁଲ ଫୁଟେ । ଶ୍ମଶାନରେ ଶବଦାହ ହୁଏ । ଜଳରେ ହସ୍ତଦେଲେ ପଦ୍ମ ନାଶ ହୁଏ ।

ପଦ୍ମ ଫୁଟିଛି ସରୋବରରେ,
ଫେଡ଼ ନୟନ ଦେଖ ଥରେ ।
ଆସ ତୋଳିବା ପଦ୍ମଫୁଲ,
ସବୁ ବାଳକେ ହୋଇ ଠୁଳ ।

୭ମ ପାଠ । (ʼ) ରେଫ ଯୋଗ ।

ର କ ର୍କ । ର୍ଖ ର୍ଗ ର୍ଘ ର୍ଜ ର୍ଝ ର୍ଟ ର୍ଦ ର୍ଧ ର୍ନ ର୍ପ ର୍ଫ ର୍ବ ର୍ଭ ର୍ଲ ର୍ଶ ର୍ଷ ର୍ସ ର୍ହ ।

ଅର୍କ   ବ୍ୟର୍ଥ   ଦର୍ପ   ଅର୍ଘ୍ୟ   ଧର୍ମ   ଚର୍ମ
ତର୍କ   ମୂର୍ଖ   ବର୍ମ   କର୍ମ   ଦୁର୍ଗ   ସ୍ୱର୍ଗ
କର୍କଟ   ମର୍କଟ   ଦର୍ଶନ   ଧାର୍ଯ୍ୟ
ବିସର୍ଗ   ମହାର୍ଘ   କର୍ପୂର   ନିର୍ଭର
ନିର୍ଧୂମ   ଗୀର୍ବାଣ   ଦୁର୍ନାମ   ନିର୍ବୋଧ   ନିର୍ଝର
ସମର୍ପଣ   ଅର୍ଣ୍ଣବ   ଆକର୍ଷଣ   ପରାମର୍ଶ   ବିର୍ଷାଦନ
ଗତବର୍ଷ   ଦୂର୍ବାଦଳ   କୃପାଚାର୍ଯ୍ୟ   ଦୁର୍ଯ୍ୟୋଧନ   ଦୁର୍ଦ୍ଦଶା

ନିର୍ଦ୍ଦୟ ଦର୍ଶନ ଲୋକ ମୁଖେ ନ ଆଣିବ । ସୁମଧୁର ପ୍ରୀତିଗୀତରେ ସକଳେ ତୋଷିବ ।

୮ମ ପାଠ । ସଂଯୁକ୍ତବର୍ଣ୍ଣ ।

ଙ କ ଙ୍କ   ରଙ୍କ, ପଙ୍କ, ବଙ୍କା, କଳଙ୍କ, ପଲଙ୍କ, ସଙ୍କୋଚ ।
ଙ ଖ ଙ୍ଖ   ଶଙ୍ଖ, ଶଙ୍ଖା, ପଙ୍ଖା ଶୃଙ୍ଖଳା, ସଙ୍ଖାଳି ।
ଙ ଗ ଙ୍ଗ   ସଙ୍ଗ, ବେଙ୍ଗ, ଲବଙ୍ଗ, କୁରଙ୍ଗ, ଅନଙ୍ଗ, ଜଙ୍ଗମ ।


ଙ ଘ ଙ୍ଘ ଜଙ୍ଘ, ଲଙ୍ଘନ, ଜଙ୍ଘିଆ, ସଙ୍ଘଟନ ।

ଶଙ୍ଖ ବଜାଇ ଅର୍ଜୁନ, ରଙ୍ଗେ ଭଣଇ କୁରୁସୈନ୍ୟ ।

ଞ ଚ ଞ୍ଚ ଲଞ୍ଚ, ସଞ୍ଚୟ, ଚଞ୍ଚଳ, ଅଞ୍ଚଳ, ବଞ୍ଚକ ।

ଞ ଛ ଞ୍ଛ ବାଞ୍ଛା, ଲାଞ୍ଛନା, ଲାଞ୍ଛିତ ।

ଞ ଜ ଞ୍ଜ ଅଞ୍ଜନ, ଗଞ୍ଜନା, ଅଞ୍ଜଳି, ପିଞ୍ଜର, କୁଞ୍ଜର ।



ଞ ଝ ଞ୍ଝ ପଞ୍ଝା, ଝଞ୍ଝା ।

ପିଞ୍ଜରେ ବସିଅଛି ଶୁଆ, ପଞ୍ଝା ମାରୁଛି ଅପି ଭୂଆ ।

ରହି କାଞ୍ଚନେ ବାଞ୍ଛା ନାହିଁ, ଅଣ୍ଟୁ ଦଅ ସ୍ୱଚ୍ଛାଗ୍ରା ।



ଣ ଟ ଣ୍ଟ ଅଣ୍ଟା, କଣ୍ଟା, ଘଣ୍ଟା, ବଣ୍ଟନ ।

ଣ ଠ ଣ୍ଠ କଣ୍ଠ, କଣ୍ଠା, ପାଣ୍ଠି, ଲୁଣ୍ଠନ ।

ଣ ଡ ଣ୍ଡ କାଣ୍ଡ, ଦାଣ୍ଡ, ଦଣ୍ଡ, ମୁଣ୍ଡ, ଷଣ୍ଡା ।

ଣ ଢ ଣ୍ଢ ଷଣ୍ଢ, ମେଣ୍ଢା, କୁଣ୍ଢାଇ, ଶୁଣ୍ଢି ।

ଗୁରୁଣ୍ଡି’ ଏରୁଣ୍ଡି ଉପରେ ମାଧବ ବସିଛି ଯାଇ ।

ମାତାଙ୍କ ଆଡ଼କୁ ଅନାଇ’ ମାଟି ଦେଉଅଛି ଖାଇ ।

ନ ତ ନ୍ତ ଦନ୍ତ, ଶାନ୍ତ, ଦନ୍ତା, ଯନ୍ତା, ଅନନ୍ତ, ସନ୍ତାନ ।

ନ ଥ ନ୍ଥ କାନ୍ଥ, କନ୍ଥା, ପନ୍ଥା, ଗ୍ରନ୍ଥ, ମନ୍ଥନ, ଗ୍ରନ୍ଥନ, ଗ୍ରନ୍ଥିତ ।

ନ ଦ ନ୍ଦ ମନ୍ଦ, କନ୍ଦ, ଆନନ୍ଦ, ସିନ୍ଦୂର, ବନ୍ଦ, ମନ୍ଦର ।

ନ ଧ ନ୍ଧ ଅନ୍ଧ, କାନ୍ଧ, ସିନ୍ଧ, ବନ୍ଧୁକ, ଅନ୍ଧାର, ସିନ୍ଧୁକ ।

ଶାନ୍ତ ସନ୍ତୋଷ ହୃଦେ ଯାର, ଆନନ୍ଦେ ଯାଏ ଦିନ ତାର ।

ବସନ୍ତେ ଫୁଲର ସୁଗନ୍ଧେ, ଭ୍ରମେ ଭ୍ରମର ମହାନନ୍ଦେ ।

ମ ପ ମ୍ପ କମ୍ପ, ଝମ୍ପା, ଚମ୍ପା, ସମ୍ପଦ, ଚମ୍ପକ, କମ୍ପିତ ।

ମ ଫ ମ୍ଫ ଲମ୍ଫ, ବାମ୍ଫ, ଗୁମ୍ଫା, ବାମ୍ଫୀ, ଡେମ୍ଫ ।

ମ ବ ମ୍ବ ଖମ୍ବ, ଲମ୍ବ, ଅମ୍ବ, ନିମ୍ବ, ସମ୍ବଳ, କମ୍ବଳ, ଜମ୍ବିର ।

ମ ଭ ମ୍ଭ କୁମ୍ଭ, ଦମ୍ଭ, ରମ୍ଭା, ସ୍ତମ୍ଭ, ସମ୍ଭବ, ଗମ୍ଭୀର, କୁମ୍ଭୀର ।

ରାବଣ ସିଦ୍ଧ ଗୁମ୍ଫାଦ୍ୱାରେ, କରଇ ଗର୍ଜ୍ଜନ ଦମ୍ଭରେ ।

ସମ୍ପଦବେଳେ ସର୍ବସଙ୍ଗୀ, ବିପଦେ ଛାଡ଼ିଯାନ୍ତି ଏକା ।

କ କ କ୍କ ପକ୍କା, ଧକ୍କା, ଚକ୍କଣ, କୁକ୍କୁଟ, କୁକ୍କୁର ।
ତ କ ତ୍କ ଉତ୍କଳ, ଉତ୍କଟ, ଉତ୍କଣ୍ଠା, ଚତ୍କାର, ସତ୍କାର୍ଯ୍ୟ ।
ଲ କ ଲ୍କ ଉଲ୍କା, ଶଲ୍କ, ବଲ୍କ, ବଲ୍କଲ, ବଲ୍ମୀକ ।
ଷ କ ଷ୍କ ଶୁଷ୍କ, ପରିଷ୍କାର, ଆବିଷ୍କାର, ପୁଷ୍କରିଣୀ ।
ସ କ ସ୍କ ଭାସ୍କର, ତିରସ୍କାର, ନମସ୍କାର, ପୁରସ୍କାର, ବଚସ୍କାର ।
ସ ଖ ସ୍ଖ ସ୍ଖଳନ, ସ୍ଖଳିତ ।
ଙ ଖ ଙ୍ଖ ଶଙ୍ଖ, ଶଙ୍ଖପାତ୍ର, ।
ଦ ଗ ଦ୍ଗ ମୁଦ୍ଗର, ଉଦ୍ଗାର, ସଦ୍ଗୁରୁ, ଗଦ୍ଗଦ, ଉଦ୍ଗୀରଣ ।
ଦ ଘ ଦ୍ଘ ଉଦ୍ଘାଟନ, ଉଦ୍ଘାଟକ ।
ଲ ଗ ଲ୍ଗ ଫାଲ୍ଗୁନ, ବଲ୍ଗା । ଫାଲ୍ଗୁନମାସ ବସନ୍ତକାଳ ଅଟେ
ଲ ପ ଲ୍ପ ଅଲ୍ପ, ଗଲ୍ପ, କଲ୍ପନା ।
ଲ ଫ ଲ୍ଫ ଗୁଲ୍ଫ ।
ଲ ଭ ଲ୍ଭ ପ୍ରଗଲ୍ଭ ।
ଚ ଚ ଚ୍ଚ ଉଚ୍ଚ, ଉଚ୍ଚାରଣ, ଉଚ୍ଚସ୍ଥାନ, ସଚ୍ଚରିତ ।
ଚ ଛ ଚ୍ଛ ପୁଚ୍ଛ, ଗୁଚ୍ଛ, ସ୍ୱଚ୍ଛ, ତୁଚ୍ଛ, ବିଚ୍ଛେଦ, ଅସ୍ୱଚ୍ଛ, ଇଚ୍ଛାବଶ ।
ଶ ଚ ଶ୍ଚ ପଶ୍ଚିମ, ପଶ୍ଚାତ୍, ନିଶ୍ଚଳ, ନିଶ୍ଚୟ, ଅନିଶ୍ଚିତ ।
ଶ ଛ ଶ୍ଛ ଶିରଶ୍ଛେଦନ, ଦୁଶ୍ଛେଦ ।
ଜ ଜ ଜ୍ଜ ଲଜ୍ଜା, ସଜ୍ଜନ, ଅର୍ଜ୍ଜୁନ, ଉଜ୍ଜ୍ୱଳ ।
ଜ ଝ ଜ୍ଝ ଅଜ୍ଝ, କୁଜ୍ଝ । କୁଜକୁ କୁଜ୍ଝ କହନ୍ତି ।
ଞ ଝ ଞ୍ଝ କୁଞ୍ଝଟି, କୁଞ୍ଝଟିକା । କୁହୁଡ଼କୁ କୁଞ୍ଝଟିକା କହନ୍ତି ।
ଚ ଞ ଚ୍ଞ ଯାଚ୍ଞା । ମାନୀ ଲୋକ ଯାଚ୍ଞା କରେ ନାହିଁ ।
ଜ ଞ ଜ୍ଞ ଯଜ୍ଞ, ବିଜ୍ଞ, ଜ୍ଞାନ, ଆଜ୍ଞା, ଅଜ୍ଞାନ, ବିଜ୍ଞାପନ ।
ଟ ଟ ଟ୍ଟ ଅଟ୍ଟାଳିକା, ଅଟ୍ଟହାସ, ପଟ୍ଟନାୟକ, ଟିଟ୍ଟିଭ ।
ଷ ଟ ଷ୍ଟ ଶିଷ୍ଟ, ମିଷ୍ଟ, ଦୃଷ୍ଟ, ଅଦୃଷ୍ଟ, ଇଷ୍ଟକ, ପିଷ୍ଟକ, ପରିଶିଷ୍ଟ ।
ଷ ଠ ଷ୍ଠ କାଷ୍ଠ, ନିଷ୍ଠା, ଷଷ୍ଠୀ, ଶ୍ରେଷ୍ଠ, ଗରିଷ୍ଠ, କନିଷ୍ଠ ।
ଡ ଡ ଡ୍ଡ ଉଡ୍ଡୀନ, ଉଡ୍ଡୀୟମାନ ।

ଣ	ଣ	ଣ୍ଣ	ବିଷଣ୍ଣ । ଦୁଃଖ ହେଲେ ମୁଖ ବିଷଣ୍ଣ ହୁଏ ।
ଷ	ଣ	ଷ୍ଣ	ଉଷ୍ଣ, ତୃଷ୍ଣା, ବିଷ୍ଣୁ, ସହିଷ୍ଣୁ, ବୈଷ୍ଣବ, କୃଷ୍ଣପକ୍ଷ ।
କ	ତ	କ୍ତ	ଭକ୍ତ, ରକ୍ତ, ଭକ୍ତି, ଆସକ୍ତ, ଆରକ୍ତ, ଉକ୍ତି, ଶକ୍ତିଶାଳୀ ।
ତ	ତ	ତ୍ତ	ଉତ୍ତମ, ପିତ୍ତଳ, ମତ୍ତତା, ଉତ୍ତାପ, ଉନ୍ମତ୍ତ ।
ପ	ତ	ପ୍ତ	ଗୁପ୍ତ, ଲିପ୍ତ, ତପ୍ତ, ବ୍ୟାପ୍ତ, ଉତ୍ତପ୍ତ, ଦୀପ୍ତ ।
ପ	ପ	ପ୍ପ	ପିପ୍ପଳୀ ।
ପ	ସ	ପ୍ସ	ଅପ୍ସରା ।
ସ	ତ	ସ୍ତ	ବସ୍ତୁ, ବ୍ୟସ୍ତ, ହସ୍ତ, ହସ୍ତୀ, ମସ୍ତକ, ପୁସ୍ତକ ।
ସ	ଥ	ସ୍ଥ	ସ୍ଥବିର, ଅସୁସ୍ଥ, ସ୍ଥିର । ବୁଢ଼ାକୁ ସ୍ଥବିର କହନ୍ତି ।
କ	ଷ	କ୍ଷ	ପକ୍ଷ, ପକ୍ଷୀ, ବକ୍ଷ, କ୍ଷତ, କ୍ଷମା, ମକ୍ଷିକା ।
ତ	ଥ	ତ୍ଥ	ଉତ୍ଥାନ, ଉତ୍ଥାପନ, ଉତ୍ଥାପିତ ।
ଦ	ଦ	ଦ୍ଦ	ଉଦ୍ଦେଶ, ଉଦ୍ଦେଶ୍ୟ; ଉଦ୍ଦଣ୍ଡ ଉଦ୍ଦୀପ୍ତ, ଚତୁର୍ଦ୍ଦଶ ।,
ବ	ଦ	ବ୍ଦ	ଅବ୍ଦ, ଶବ୍ଦ, ଶତାବ୍ଦ, ଖ୍ରୀଷ୍ଟାବ୍ଦ ।
ବ	ଧ	ବ୍ଧ	ଲବ୍ଧ, ଆରବ୍ଧ, କ୍ଷୁବ୍ଧ, ସ୍ତବ୍ଧ, ପ୍ରାରବ୍ଧ ।
ଗ	ଦ	ଗ୍ଦ	ବାଗ୍ଦାନ, ବାଗ୍ଦେବୀ ।
ଗ	ଧ	ଗ୍ଧ	ଦୁଗ୍ଧ । ଦୁଗ୍ଧପାନ କଲେ ବଳ ହୁଏ ।
ଦ	ଧ	ଦ୍ଧ	ଶୁଦ୍ଧ, ଯୁଦ୍ଧ, ଉଦ୍ଧାର, ବିଶୁଦ୍ଧ, ସୁପ୍ରସିଦ୍ଧ, ସିଦ୍ଧାନ୍ତ ।
ତ	ପ	ତ୍ପ	ତତ୍ପର, ଉତ୍ପାତ । ନାନାପ୍ରକାର ଫସଲ କୃଷିରୁ ଉତ୍ପନ୍ନ ।
ଷ	ପ	ଷ୍ପ	ପୁଷ୍ପ, ବାଷ୍ପ, ନିଷ୍ପୀଡ଼ନ । ସମସ୍ତ ପ୍ରକାରର ଫୁଲକୁ ପୁଷ୍ପ କହନ୍ତି ।
ଷ	ଫ	ଷ୍ଫ	ନିଷ୍ଫଳ, ନିଷ୍ଫେନ ।
ସ	ପ	ସ୍ପ	ସ୍ପର୍ଶ, ସ୍ପଷ୍ଟ, ପରସ୍ପର, ସ୍ପୃହା ।
ସ	ଫ	ସ୍ଫ	ସ୍ଫଟିକ, ସ୍ଫୀତ, ସ୍ଫୋଟକ, ଆସ୍ଫାଳନ ।
ଦ	ବ	ଦ୍ବ	ଉଦ୍‌ବାହ, ବୁଦ୍‌ବୁଦ୍ । ଉଦ୍‌ବାହ ଅର୍ଥ ବିବାହ ।
ଦ	ଭ	ଦ୍ଭ	ଉଦ୍ଭବ, ସଦ୍ଭାବ, ଉଦ୍ଭିଦ, ଅଦ୍ଭୁତ, ଶ୍ରୀମଦ୍ଭାଗବତ ।
ଦ	ଯ	ଦ୍ଯ	ଉଦ୍ଯୋଗୀ । ଉଦ୍ଯୋଗୀ ପୁରୁଷର ସବୁ ସିଦ୍ଧି ହୁଏ ।
ତ	ସ	ତ୍ସ	ମତ୍ସ୍ୟ, ବତ୍ସ, କୁତ୍ସା, ବତ୍ସର ଉତ୍ସାହ, କୁତ୍ସିତ ।

୯ମ ପାଠ । ସଂଯୁକ୍ତ ମିଶ୍ରବର୍ଣ୍ଣ ।

କ+ଷ+ଣ=କ୍ଷ୍ଣ ତୀକ୍ଷ୍ଣ, ସୁତୀକ୍ଷ୍ଣ । ସଞ୍ଚାଣର ନଖ ଅତି ତୀକ୍ଷ୍ଣ ।
କ ଷ ମ କ୍ଷ୍ମ ଲକ୍ଷ୍ମଣ, ଲକ୍ଷ୍ମୀ । ଲକ୍ଷ୍ମଣ ରାମଙ୍କର ଭାଇ ଥିଲେ ।
କ ଷ ଯ କ୍ଷ୍ୟ ଲକ୍ଷ୍ୟ, ସାକ୍ଷ୍ୟ ।
ଙ କ ତ ଙ୍କ୍ତ ପଙ୍କ୍ତି, (ପଂକ୍ତି) ।
ଙ କ ଷ ଙ୍କ୍ଷ ଆକାଙ୍କ୍ଷିତ, ଆକାଙ୍କ୍ଷା ।
ଚ ଛ ବ ଚ୍ଛ୍ୱ ଉଚ୍ଛ୍ୱାସ ।
ଚ ଛ ର ଚ୍ଛ୍ର ଉଚ୍ଛ୍ରୟ ।
ଜ ଜ ବ ଜ୍ଜ୍ୱ ଉଜ୍ଜ୍ୱଳ, କଜ୍ଜ୍ୱଳ । ଆଖିରେ କଜ୍ଜଳ ଲଗାଅ ।
ଣ ଡ ର ଣ୍ଡ୍ର ପୁଣ୍ଡ୍ର ।
ତ ତ ବ ତ୍ତ୍ୱ ତତ୍ତ୍ୱ, ମହତ୍ତ୍ୱ । ମହତ୍ତ୍ୱକୁ ରକ୍ଷାକର ।
ତ ତ ର ତ୍ତ୍ର ପୁତ୍ତ୍ର ।
ତ ମ ଯ ତ୍ମ୍ୟ ମାହାତ୍ମ୍ୟ, ଦୌରାତ୍ମ୍ୟ ।
ତ ସ ନ ତ୍ସ୍ନ ଜ୍ୟୋତ୍ସ୍ନା ।
ତ ସ ଯ ତ୍ସ୍ୟ ମତ୍ସ୍ୟ ।
ଦ ର ଯ ଦ୍ର୍ୟ ଦାରିଦ୍ର୍ୟ । ଦାରିଦ୍ର୍ୟ ଦଶା ବଡ଼ କଷ୍ଟକର ।
ନ ତ ଯ ନ୍ତ୍ୟ ଅନ୍ତ୍ୟ ।
ନ ତ ର ନ୍ତ୍ର ଯନ୍ତ୍ର, ମନ୍ତ୍ର, ମନ୍ତ୍ରଣା, ଘଟିକାଯନ୍ତ୍ର ।
ନ ତ ବ ନ୍ତ୍ୱ ସାନ୍ତ୍ୱନା । ଦୁଃଖିକୁ ସାନ୍ତ୍ୱନା ଦିଅ ।
ନ ଦ ର ନ୍ଦ୍ର ଇନ୍ଦ୍ର, ଚନ୍ଦ୍ର, କେନ୍ଦ୍ର, ମହେନ୍ଦ୍ର ।
ନ ଦ ବ ନ୍ଦ୍ୱ ଦ୍ୱନ୍ଦ୍ୱ । କଳହକୁ ଦ୍ୱନ୍ଦ୍ୱ କହନ୍ତି ।
ନ ଧ ଯ ନ୍ଧ୍ୟ ସନ୍ଧ୍ୟା, ବନ୍ଧ୍ୟା, ବିନ୍ଧ୍ୟାଚଳ ।
ନ ଧ ର ନ୍ଧ୍ର ଅନ୍ଧ୍ର, ରନ୍ଧ୍ର । ଛିଦ୍ରକୁ ରନ୍ଧ୍ର କହନ୍ତି ।
ନ ନ ଯ ନ୍ନ୍ୟ ସନ୍ନ୍ୟାସି, ସନ୍ନ୍ୟାସିନୀ ।
ମ ପ ର ମ୍ପ୍ର ସମ୍ପ୍ରଦାୟ, ସମ୍ପ୍ରଦାନ, ସମ୍ପ୍ରତି ।
ମ ଭ ର ମ୍ଭ୍ର ସମ୍ଭ୍ରମ । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ସମ୍ମାନ କର ।

ର ଚ ଚ ର୍ଚ୍ଚ ଚର୍ଚ୍ଚା, ଅର୍ଚ୍ଚନା । ଅର୍ଚ୍ଚନା ଅର୍ଥ ପୂଜା ।

ର ଚ ଛ ର୍ଚ୍ଛ ମୂର୍ଚ୍ଛା, ବର୍ଚ୍ଛା, ମୂର୍ଚ୍ଛନା ।

ର ଜ ଜ ର୍ଜ୍ଜ ଅର୍ଜ୍ଜନ, ଗର୍ଜ୍ଜନ, ବର୍ଜ୍ଜନ, ମାର୍ଜ୍ଜାର ।

ର ଣ ଣ ର୍ଣ୍ଣ କର୍ଣ୍ଣ, ବର୍ଣ୍ଣ, ସ୍ୱର୍ଣ୍ଣ ପୂର୍ଣ୍ଣ, ବର୍ଣ୍ଣିତ ।

ର ତ ତ ର୍ତ୍ତ ହର୍ତ୍ତା, କର୍ତ୍ତବ୍ୟ, ବର୍ତ୍ତମାନ, କର୍ତ୍ତା ।

ର ତ ସ ର୍ତ୍ସ ଭର୍ତ୍ସନା ।

ର ଦ ଦ ର୍ଦ୍ଦ କର୍ଦ୍ଦମ, ଦୁର୍ଦ୍ଦିନ । ବର୍ଷା ହେଲେ କର୍ଦ୍ଦମ ହୁଏ ।

ର ଦ ର ର୍ଦ୍ର ଆର୍ଦ୍ର, ଆର୍ଦ୍ରକ, ଆର୍ଦ୍ରା ।

ର ଦ ଧ ର୍ଦ୍ଧ ବର୍ଦ୍ଧମାନ, ଅର୍ଦ୍ଧ, ବର୍ଦ୍ଧକ, ଧନାର୍ଦ୍ଧ, ପାର୍ଦ୍ଧ ।

ର ବ ବ ର୍ବ୍ବ ଖର୍ବ୍ବ, ଗନ୍ଧର୍ବ୍ବ, ଶର୍ବ୍ବରୀ, ପର୍ବ୍ବତ, ଦୁର୍ବ୍ବଳ, ଗର୍ବ୍ବିତ ।

ର ମ ମ ର୍ମ୍ମ କର୍ମ୍ମ, ଚର୍ମ୍ମ, ଧର୍ମ୍ମ, କର୍ମ୍ମକାର ।

ର ଘ ଯ ର୍ଘ୍ୟ ଅର୍ଘ୍ୟ, ମହାର୍ଘ୍ୟ ।

ର ଯ ଯ ର୍ଯ୍ୟ ଆର୍ଯ୍ୟ, ଆଶ୍ଚର୍ଯ୍ୟ, କାର୍ଯ୍ୟ, ଧୈର୍ଯ୍ୟ, ମର୍ଯ୍ୟାଦା ।

ର ଲ ଲ ର୍ଲ୍ଲ ଦୁର୍ଲ୍ଲଭ, ଜର୍ଲ୍ଲୋର । ମନୁଷ୍ୟଜନ୍ମ ଅତି ଦୁର୍ଲ୍ଲଭ ।

ର ଶ ବ ର୍ଶ୍ୱ ପାର୍ଶ୍ୱ । ପାର୍ଶ୍ୱଶୂଳ ବଡ଼ କଠିନ ରୋଗ ।

ଷ କ ର ଷ୍କ୍ର ଦୁଷ୍କ୍ରିୟା ।

ଷ ଟ ର ଷ୍ଟ୍ର ଉଷ୍ଟ୍ର, ମହାରାଷ୍ଟ୍ର । ଓଟକୁ ଉଷ୍ଟ୍ର କହନ୍ତି ।

ଷ ପ ର ଷ୍ପ୍ର ନିଷ୍ପ୍ରୟୋଜନ, ଦୁଷ୍ପ୍ରାପ୍ୟ ।

ସ ତ ର ସ୍ତ୍ର ଶସ୍ତ୍ର, ଶାସ୍ତ୍ର, ବସ୍ତ୍ର, ଅସ୍ତ୍ର, ସ୍ତ୍ରୀ ।

ସ ଥ ଯ ସ୍ଥ୍ୟ ସ୍ୱାସ୍ଥ୍ୟ । ସ୍ୱାସ୍ଥ୍ୟ ଭଲ ଥିଲେ ଲୋକ ସୁଖୀ ହୁଏ ।

ର ତ ତ ଯ ର୍ତ୍ତ୍ୟ, ମର୍ତ୍ତ୍ୟ । ପୃଥିବୀର ଗୋଟିଏ ନାମ ମର୍ତ୍ତ୍ୟ ।

ର ତ ତ ର ର୍ତ୍ତ୍ର, କର୍ତ୍ତ୍ରୀ ।

ର ଦ ଧ ବ ର୍ଦ୍ଧ୍ୱ, ଊର୍ଦ୍ଧ୍ୱ । ଊର୍ଦ୍ଧ୍ୱର ଅର୍ଥ ଉପର ।

ନ ତ ର ଯ ନ୍ତ୍ର୍ୟ, ସ୍ୱାତନ୍ତ୍ର୍ୟ । ସ୍ୱାଧୀନତାକୁ ସ୍ୱାତନ୍ତ୍ର୍ୟ କହନ୍ତି ।

ର ଦ ଧ ନ ର୍ଦ୍ଧ୍ନ, ମୂର୍ଦ୍ଧ୍ନା । ମସ୍ତକକୁ ମୂର୍ଦ୍ଧ୍ନା କହନ୍ତି ।

ର ମ୍ମ ମ ଯ ର୍ମ୍ମ୍ୟ, ହର୍ମ୍ମ୍ୟ ।

୧୦ମ ପାଠ । ପଶୁମାନଙ୍କର ନାମ ।



ଛେଳି ମେଣ୍ଢା ହାତୀ ଘୋଡ଼ା ସିଂହ ବାଘ ଗଧ,
ବରାହ ଘୁଷୁରି ଗଣ୍ଡା ଭାଲୁ ଓଟ ଓଧ ।
ହରିଣ କୁକୁର ଗୋରୁ ମହିଷ ଗଧିଆ
କୋକିଶିଆଳି ଖଟାଶ ବାନର ବିଲୁଆ ।



୧୧ଶ ପାଠ । ପକ୍ଷୀମାନଙ୍କର ନାମ ।



ଚାତକ ମୟୂର ବଗ ହଂସ ଶାରୀ ଶୁକ,
ମାଛରଙ୍କା ଶଙ୍ଖଚିଲ ଚକୋର ଡାହୁକ ।
ଖଞ୍ଜନ ବଢ଼ିଆକାଇଁ କପୋତ ସାରସ,
କୋଚିଲଖାଇ ପାଗୁଣା ଚିଲ ପାଣିହଂସ ।




ଗେଣ୍ଡାଳିଆ ବାଇଆ ଯେ ଶ୍ୟାମା ପାଣିକୁଆ,
ହଳଦିବସନ୍ତ ବଣି ପିକ କାଳକୁଆ ।
କୁକୁଡ଼ା କଜଳପାତି ଭୃଙ୍ଗ ଦାବେଣ୍ଡିଆ,
ଶଗୁଣ ଡାହଳା ଆଉ ବଦବଦଳିଆ ।





ସପୁରି ପିଜୁଳି ଆଉ କଦଳୀ ନଡ଼ିଆ,
ପଣସ ଅମୃତଭଣ୍ଡା ଅମ୍ବ ଯେ ବଡ଼ିଆ ।
ବେଲ ତାଳ ଅଖୁ ଜାମୁ ନାରଙ୍ଗି ଡାଳିମ୍ବ,
ପଟୋଳ କଇଁଥ ଲେମ୍ବୁ ଜମ୍ବୁ କେନ୍ଦୁ ଜାମ୍ବ ।
ଜମ୍ବିର ଚକଡ଼ା ବେଣ୍ଡି ଓଲ ଫୁଟି ଆଉ,
ଶିମ୍ବ ବାଇଗଣ ଜହ୍ନି କଲରା ଯେ ଲାଉ ।



୧୨ଶ ପାଠ । ଦିଗ ।

ଯେଉଁ ଦିଗରେ ସୂର୍ଯ୍ୟ ଉଦୟ ହୁଏ ତାହାକୁ ପୂର୍ବଦିଗ କହନ୍ତି । ଯେଉଁ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ତାହାର ନାମ ପଶ୍ଚିମ ଦିଗ । ପୂର୍ବ ଦିଗକୁ ମୁହଁ କରି ଠିଆ ହେଲେ

ଡାହାଣ ହାତ ଯେଉଁ ଦିଗକୁ ରହେ, ତାହାକୁ ଦକ୍ଷିଣ ଦିଗ କହନ୍ତି । ଯେଉଁ ଆଡ଼କୁ ବାଁ ହାତ ରହେ, ତାହାକୁ ଉତ୍ତର ଦିଗ କହନ୍ତି ।

ତୁମ୍ଭେ ପଶ୍ଚିମ ଦିଗକୁ ଅନାଇ ଠିଆ ହେଲେ ତୁମ୍ଭର ଡାହାଣ ହାତ କେଉଁ ଦିଗକୁ ରହିବ ? ତୁମ୍ଭର ବାମ ହସ୍ତ ଏବଂ ପିଠି କେଉଁ ଦିଗକୁ ରହିବ ?

ତୁମ୍ଭେ ଦକ୍ଷିଣ ଦିଗକୁ ଅନାଇ ଠିଆ ହେଲେ, ତୁମ୍ଭର କେଉଁ ହାତ କେଉଁ ଦିଗକୁ ରହିବ ? ତୁମ୍ଭର ପିଠି କେଉଁ ଦିଗକୁ ରହିବ ?

୧୪ଶ ପାଠ । ଜୁବିଲି ଗୀତ ।



ଭୂତପୂର୍ବ ଭାରତେଶ୍ୱରୀ ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିୟା ।

ଆଜ ଆନନ୍ଦେ ମିଳିଣ, ଗାଅ ସରବେ,
ପୂର୍ଣ୍ଣ ଚୌଦିଗେ ଦେଶ, ଆନନ୍ଦରବେ ।
ମାତୃକୋଳ ପରାୟେ, କି ରାଜା କି ପ୍ରଜାଏ,
ଯା ରାଜ୍ୟେ ରହନ୍ତି ନିତ୍ୟ, ନିରୁପଦ୍ରବେ ।

ଯେ ମାତା ଭିକ୍ଟୋରିଆ, ଜଗତପୂଜନୀୟା,
ଷାଠିଏ ବର୍ଷ ରାଜ୍ୟ, କଲେ ଏ ଭବେ ।
ଜନନୀ ଯେ ଆମ୍ଭର, ଅଟନ୍ତି ପ୍ରିୟକର,
ଧନ୍ୟ ତାହାଙ୍କ ମାନ ଦିଆ ଗରବେ ।
ସେ ଅଛି ମାତା ସମ, ଶିଶୁଙ୍କ ପ୍ରିୟତମ,
ମାତ, ମାତୃମଙ୍ଗଳ—ମହୋତ୍ସବେ ।
ମାତାଙ୍କ ସ୍ନେହ ଭଲ, ଦଅ ରେ କରତାଳ,
ହର୍ଷ ବହଳ ଉଠୁ, ଭୂତଳୁ ନଭେ ।
ମାତାଙ୍କୁ ଅୟୁଷ୍ମତ, କରନ୍ତୁ ବିଶ୍ୱପତି,
ପୂରୁ ଅବନୀମାତା—ଯଶଃ ସୌରଭେ । (ସ)

୧୭ଶ ପାଠ । ସୂର୍ଯ୍ୟ ଓ ଚନ୍ଦ୍ର ।

ସୂର୍ଯ୍ୟ ପୃଥିବୀଠାରୁ ଅନେକ ବଡ଼ । ପୃଥିବୀଠାରୁ ଢେର ଦୂରରେ ଥିବାରୁ, ସୂର୍ଯ୍ୟ ବୃହତ୍ ଦିଶେ ନାହିଁ । ସୂର୍ଯ୍ୟ ନ ଥିଲେ ପୃଥିବୀ ସବୁବେଳେ ଅନ୍ଧାରରେ ବୁଡ଼ି ରହି ଥାନ୍ତା । ସୂର୍ଯ୍ୟର ଉତ୍ତାପ ପାଇ ନ ଥିଲେ ପ୍ରାଣୀ, ବୃକ୍ଷ, ଲତାମାନେ ବଞ୍ଚି ପାରନ୍ତେ ନାହିଁ । ଏକ ବର୍ଷରେ ପୃଥିବୀ ଥରେ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବୁଲି ଆସେ ।

ଚନ୍ଦ୍ର ପୃଥିବୀଠାରୁ କ୍ଷୁଦ୍ର । ପୃଥିବୀଠାରୁ ଚନ୍ଦ୍ର ବହୁ ଦୂରରେ ଅଛି । ପୃଥିବୀଠାରୁ ସୂର୍ଯ୍ୟର ଦୂରତ୍ୱ ଯେତେ, ଚନ୍ଦ୍ରର ଦୂରତ୍ୱ ତାହାଠାରୁ ଢେର ଊଣା । ଚନ୍ଦ୍ରର ନିଜର ଆଲୋକ ନାହିଁ । ଚନ୍ଦ୍ର ସୂର୍ଯ୍ୟରଆଲୋକ ପାଇ ଉଜ୍ଜ୍ୱଳ ଦିଶେ । ସେହି ଆଲୋକକୁ ଜ୍ୟୋତ୍ସ୍ନା କହନ୍ତି ।

ଚନ୍ଦ୍ର କ୍ରମେ କ୍ରମେ ବଢି ଯେଉଁ ଦିନ ସମ୍ପୂର୍ଣ୍ଣ ଗୋଲ ହୁଏ ସେହି ଦିନକୁ ପୂର୍ଣ୍ଣିମା କହନ୍ତି । ପୂର୍ଣ୍ଣିମା ଉତ୍ତାରୁ ଊଣା ହୋଇ ଚନ୍ଦ୍ର ଯେଉଁ ଦିନ ଏକାବେଳକେ ଅଦୃଶ୍ୟ ହୁଏ, ସେହି ଦିନକୁ ଅମାବାସ୍ୟା କହନ୍ତି । ଏକ ମାସରେ ଚନ୍ଦ୍ର ଥରେ ପୃଥିବୀର ଚତୁଷ୍ପାର୍ଶ୍ୱରେ ବୁଲି ଆସେ ।

୧୭ଶ ପାଠ । ସମୟ ।

ଦିନ ରାତି ମିଶି ଏକ ଦିନ ଜାଣ । ସାତ ଦିନେ ହୁଏ ସପ୍ତାହ ଲକ୍ଷଣ ।
ସପ୍ତାହର ସାତ ବାରଙ୍କର ନାମ । ସଦା ମନେ ରଖି ଥିବ ଅହେ ଶ୍ୟାମ ।
ରବି ପରେ ସୋମ, ମଙ୍ଗଳ ତା ପରେ । ବୁଧ ଗୁରୁବାର ଅସେ ତାହା ପରେ ।
ତାହା ପଛେ ଅସେ ଶୁକ୍ର ଶନିବାର । ସାତବାର ନାମ ଅଟେ ଏ ପ୍ରକାର ।
ପନର ଦିନରେ ପକ୍ଷର ଗଣନା । ଦୁଇ ପକ୍ଷେ ମାସେ ସମସ୍ତଙ୍କୁ ଜଣା ।
ଶୁକ୍ଳପକ୍ଷେ ଚନ୍ଦ୍ର କଳା ବଢୁଥାଇ । ଯେତେ ଦିନ ଯାଏ ପୂର୍ଣ୍ଣିମା ନୁହଇ ।
କୃଷ୍ଣପକ୍ଷେ ପୁଣି ଅମାବାସ୍ୟା ଯାଏ । ଚନ୍ଦ୍ର କଳା ଅଳ୍ପେ ଅଳ୍ପେ ଛୁଡ଼ୁଥାଏ ।
ଏକ ଋତୁ ହୁଏ ମିଳି ଦୁଇ ମାସ । ଛଅ ଋତୁ ବାର ମାସେ ଏକବର୍ଷ ।
ଗ୍ରୀଷ୍ମ, ବର୍ଷା, ଆଉ ଶରତ୍ ହେମନ୍ତ । ପରେ ଶୀତଋତୁ ତା ପଛେ ବସନ୍ତ ।
ଗ୍ରୀଷ୍ମ ଋତୁ ଯେ ବୈଶାଖ ଜ୍ୟେଷ୍ଠ ମାସ । ହୁଅଇ ପ୍ରଚଣ୍ଡ ରୌଦ୍ର ପରକାଶ ।
ବର୍ଷା ଋତୁ ଅଟେ ଆଷାଢ଼ ଶ୍ରାବଣ । ଏ କାଳେ ବରଷା ହୁଏ ଘନ ଘନ ।
ଭାଦ୍ର ଆଶ୍ୱିନ ଯେ ଶରତର କାଳ । ଏ କାଳେ ଜଗତ ଶୋଭଇ ନିର୍ମଳ ।
କାର୍ତ୍ତିକ ମାର୍ଗଶିର କାଳ ହେମନ୍ତ । ପଡ଼ଇ ରାତିରେ ଶିଶିର ଅତ୍ୟନ୍ତ ।
ଗାଢ଼ ଶୀତ ହୁଏ ପୌଷ ମାଘ ମାସେ । ଯୋଡ଼ାନ୍ତି ସରବେ ଦେହ ଶୀତବାସେ ।
ବସନ୍ତ ଫାଲ୍ଗୁନ ଚୈତ୍ରେ ବହଇ । ମୃଦୁ ମଳୟରେ ଚିତ୍ତକୁ ତୋଷଇ ।

୧୮ଶ ପାଠ । ବୁଢ଼ାବେଙ୍ଗ ଓ ବୁଢ଼ିଆଣୀ ।

ଏକ ପଦ୍ମପୋଖରୀର ଘରପାଖ ମଠରେ,
ବଡ଼ ବଡ଼ ପାଣିସାଗମାନଙ୍କର ଶିରେ—
ବସାଇଁଏ ତନ୍ତାତାର ଜାଲ୍ କଲ ବଡ଼,
ତହିଁ ମଧ୍ୟେ ବୁଢ଼ିଆଣୀ ବଢ଼ନ୍ତିକ ଘର ।
ସୁଗନ୍ଧ ଶୀତଳ ମନ୍ଦ ମନ୍ଦ ପବନରେ,
ଝୁଲୁଥିଲା ଧୀରେ ଧୀରେ ମହାଆନନ୍ଦରେ




ତାଙ୍କୁ ଦେଖି ବୁଢ଼ାବେଙ୍ଗ ଖାଇ ମନ କଲା,
ଧଡ଼ପଡ଼େ ପଦ୍ମପତ୍ର ଉପରକୁ ଗଲା ।
ହାତ ଟେକି ଡାକ ଦେଲା ଆସ ଆସ ବନ୍ଧୁ,
ଏହି ପଦ୍ମଫୁଲେ ଅଛି ବହୁତ ଯେ ମଧୁ ।
ପିଇ ପିଇ ଥକ ଗଲି ଆଉ ନାହିଁ କେହି,
ଖାଇବାକୁ ଇଚ୍ଛାଥିଲେ ବେଗେ ପଡ଼ ଡେଇଁ ।
ମନ ଭୁଲି ଗଲା ମିଠା କଥା ଶୁଣି ଶୁଣି,
ଓହ୍ଲାଇ ଖସିଲା ଭଲ ମନ୍ଦ ଗୁଣି ଗୁଣି ।
ଅଧୁ ନ ଆସୁଣୁ ବହି ବହି ମୁଣ୍ଡ ପାଖୁଁ,
ବୁଢ଼ାବେଙ୍ଗ ପାଟି ହୋଇଗଲା ଟାକୁ ଟାକୁ
ପାଟି ରଙ୍ଗ ଦେଖି ଭଙ୍ଗ ଦେଇ ଥର ଥର,
ପଳାଇଲା ବୁଢ଼ିଅଣି ସୁତା ଧର ଧର ।
ବୋଇଲା ହେ ସାଧୁ ମଧୁ ପିଇବାକୁ ଡାକ,
ମତେ ଏହିକ୍ଷଣି କଲେ ଦେଇଥାନ୍ତ ପାକ ।

ଅଳି ଥିଲ ପଦ୍ମ ମଧ୍ୟେ ପିଇ ମୋହେ ଗୃହଁ,
ପାଞ୍ଚିଥାଲୁ ହାଏଁ କରି ଦେଲ କାହିଁପାଇଁ ?
ଖାଦକେ ଖାଦ୍ୟର ପ୍ରୀତି ମରଣର ମୂଳ,
ଖାଦ୍ୟେ ବନ୍ଧିଗଲ ଅଳି ବୁଡ଼ିଥାନ୍ତା କୂଳ । (ଅ)

୧୮ଶ ପାଠ । ବାଘ ।

ତୁମ୍ଭେ ବାଘ ଦେଖିଅଛ ? ବାଘ ଦେଖିବାକୁ ବଡ଼ ସୁନ୍ଦର । କମଳାଲେମ୍ବୁ ପାଚିଲେ ଯେଉଁପରି ଦଶେ, ବାଘର ପିଠି ଲୋମମାନ ସେହିପରି ଦଶେ । ସେହି ଲୋମ ଉପରେ କଳା ଡୋରିଆ ଦାଗମାନ ପଡ଼ିଥାଏ । ବାଘର ପେଟ ଲୋମମାନ ଧଳା । ଗଡ଼ଜାତ ଏବଂ ସମୁଦ୍ରକୂଳ ବନମାନଙ୍କରେ ଅନେକ ବାଘ ଅଛନ୍ତି । ହରିଣ, ଗୋରୁ, ଘୋଡ଼ା, ମନୁଷ ପ୍ରଭୃତି ସବୁ ଜନ୍ତୁଙ୍କୁ ବାଘ ମାରି ଖାଏ । ବାଘର ଏପରି ବଳ ଯେ ଆପଣାଠାରୁ ବଡ଼ ଘୋଡ଼ା ଅବା ମନୁଷକୁ ମାରି ଅନେକ ଦୂରକୁ ଘେନି ଯାଏ । ବାଘ କୌଣସି ଜନ୍ତୁ ପାଖକୁ ଗଲାକ୍ଷଣି ହଠାତ୍ ତାହା ଉପରକୁ ଡେଇଁ ପଡ଼େ ଏବଂ ତାହାର ବେକ କଣା କରି ରକ୍ତ ପିଏ । ରକ୍ତ ପିଇ ସାରି ମଢ଼କୁ ନେଇ କୌଣସି ସ୍ଥାନରେ ଲୁଚାଇ ରଖେ ଏବଂ ଅନ୍ୟ ସମୟରେ ଆସି ତାହାର ମାଂସ ଖାଏ । ଏଠାରେ



ଦେଖ, ଗୋଟିଏ ମହାବଳ ବାଘ ଗୋଟିଏ ଗୋରୁକୁ ମାରି ତାହା ଅଣ୍ଟାପାଖ କାମୁଡ଼ି କେମନ୍ତେ ଘେନି ଯାଉଅଛି ।

୧୯ଶ ପାଠ । ବୁଢ଼ାମାଙ୍କଡ଼ର ପାଠ ପଢ଼ାଇବା ।

ଏକ ପାଠଶାଳା ପାଶେ ଥିଲା ଆମ୍ବଗଛେ,
ଛେଳକୁ ଛେଳ ଫଳଇ ଖା ପଛେ ଢା ପଛେ ।
ମିଳବାକୁ ଖାଇବାକୁ ଫଳ ବାରମାସ,
ରହିଲା ବୁଢ଼ାମାଙ୍କଡ଼େ ଭର୍ତ୍ତି କରି ବାସ ।
ଦେଖି ଦେଖି ଶିକ୍ଷକଙ୍କ ପଢ଼ାଇବା ଢଙ୍ଗ,
ଧମକ ଚମକ ବେତମାଡ଼ ଅଦରଙ୍ଗ ।
ସେହିପରି ବସି ପାଠ ପଢ଼ାଇବା ପାଇଁ,
ଚଞ୍ଚଳ ପ୍ରକୃତି ବୁଢ଼ା ହେଲା ହାଇଁପାଇଁ ।
ଥରେ ହେଲା ଦିନ ଦୁଇ ପାଠଶାଳା ଛୁଟି,
ସାଧ ପୂରାଇବା ଯୋଗ ଭାଗ୍ୟେ ଗଲା ଯୁଟି ।
ଏ ପାଖ ସେ ପାଖ ବୁଢ଼ା ଉଣ୍ଡି ଭରବରେ,
ଅମୁଦା ଖିଡ଼କିବାଟେ ପଶିଗଲା ଘରେ ।
ଶିକ୍ଷକ ଭ୍ରମେ ଚଷମା ଯାଇଥିଲେ ଛାଡ଼ି,
ଆଖିରେ ଲଗାଇ ଦେଲା ଆଗେ ଖୋଜୁଁ ବାଡ଼ି ।
ବେତ ନ ପାଇ ଝାଡ଼ୁକୁ ଧରି ବାଆଁ ହାତେ,
ଖୋସିଲା କଲମଟାଏ କାନେ ସେହିପାଖେ ।
ଚଉକିରେ ବସି ବାଆଁ ଜଙ୍ଘପରେ ଆଣି,
ଡାହାଣ ଗୋଡ଼ ଥୋଇଲା ହାତେ ଧରି ଟାଣି ।
ଫନଫନେ ବୁଢ଼ାର ଛାତିଟା ଗଲା ଫୁଲି,
ଆଉଜି ବସିଲା ସବୁକଥା ଯାଇ ଭୁଲି ।
ମୂଷାକୁ ମାରିବା ପାଇଁ ସେହି ସବେ ପଶି,
ଭୁଆଁବୋଡ଼ ଦଳଟା ଛକିଥିଲେ ବସି ।
ଚଢ଼ିଲେ ବୁଢ଼ା ହାତୁଡ଼େ ଧରି କଲା ଝୁଟି,
ବଳେ ପୁସ୍ତକ ଧରାଇ ପଢ଼ାଇଲା ପାଠ ।



ବୁଢ଼ା ଆଖି ଦାନ୍ତ ମୁଣ୍ଡ ଭଙ୍ଗି ଦେଖି ଡର ।
ମ୍ୟାଉଁ ମ୍ୟାଉଁ ହେଲେ ଲମ୍ଫେ ପୁସ୍ତକକୁ ଧର ।
ତେବେହେଁ ମିଳିଲା ନାହିଁ ତାହାଙ୍କୁ ନିସ୍ତାର,
କଲା ବୁଢ଼ା ବାର ବାର ଝାଡ଼ୁରେ ପ୍ରହାର ।
ଏହିପରି ହୋଇଗଲା ଛୁଟିରକ ଶେଷ,
ହୋଇଲେ ଶିକ୍ଷକ ଆସି ସେଠାରେ ପ୍ରବେଶ ।
କବାଟ ଫିଟାଇ ଦେଇଁ ବୁଢ଼ା ଦେଖି ତାଙ୍କୁ,
ଝପଟି ଆସିଲା ଝାଡ଼ୁ ଧରି ମାରିବାକୁ ।
ଭାବିଲେ ଶିକ୍ଷକ ହୋଇ ଭୟରେ ବିହ୍ୱଳ,
ଲୋକେ ଆସି ଦେଖି ହସି କଲେ କୋଳାହଳ ।
ପଳାଇଲା ବୁଢ଼ା ତେଇଁ ଖଡ଼ାଇ ଖଡ଼ାଇ,
ଲମ୍ଫ ଦୁଇ ଖୁସି ହୋଇ ଗଲେ ଛୁଟି ପାଇ । (ଖ)

୨୦ଶ ପାଠ । ଉଦ୍ଭିଦ ।

ଗଛ ଲତା ଘାସ ପ୍ରଭୃତିକୁ ଉଦ୍ଭିଦ କହନ୍ତି । କୌଣସି ଉଦ୍ଭିଦ ବୀଜରୁ କୌଣସି ଉଦ୍ଭିଦ ବୃକ୍ଷ ଦେହରୁ ଜାତ ହୁଏ । ବଟ ବୃକ୍ଷର ଗଣ୍ଡି ବାଲପରି ଝୁର ହେଲେହେଁ ସେଥିରୁ କେତେକ ନୂତନ୍ ବୃକ୍ଷ ଜାତ ହୁଏ । ପୃଥିବୀରେ ନାନା ଜାତିର

ବୃକ୍ଷ ଅଛି । ଅଶ୍ୱତ୍ଥ, ବଟ, ଶାଳ, ପିଆଶାଳ, ଅସନ, ଶିଶୁ, ଦେବଦାରୁ, ସାଗୁଆନ, ଆମ୍ବ, ପଣସ, ନଡ଼ିଆ, ତାଳ ପ୍ରଭୃତି ନାନା ଜାତିର ବଡ଼ ବୃକ୍ଷ ଅଛି । ଯେଉଁ ଉଦ୍ଭିଦ ଲଟାଇ ଲଟାଇ ମାଡ଼େ ତାହାକୁ ଲତା କହନ୍ତି । କଖାରୁ, ଶିମ୍ବ, ଜହ୍ନି, କାକୁଡ଼, ମାଧବୀ, ମାଳତୀ, ଅପରାଜିତା ପ୍ରଭୃତି ନାନାପ୍ରକାର ଲତା ଦେଖାଯାଏ । ମନୁଷ୍ୟମାନେ ନାନାପ୍ରକାର କୃଷି କରନ୍ତି । ଯେମନ୍ତ ଧାନ, ବ୍ରୀହି, ଗହମ, ଶୋରଷ, କପା, ମୁଗ, ହରଡ଼, କୋଳଥ, ଯବ, ଅଖୁ, ଛଣପଟ, ଚୋବ, ମଟର ପ୍ରଭୃତି ।

୨୯ଶ ପାଠ । ପ୍ରାଣୀ ।

ମନୁଷ୍ୟ, ପଶୁ, ପକ୍ଷୀ, ମାଛ, ସାପ, ବେଙ୍ଗ, କୀଟ, ପତଙ୍ଗ ପ୍ରଭୃତିଙ୍କୁ ପ୍ରାଣୀ କହନ୍ତି । କୌଣସି ପ୍ରାଣୀ ଜଳରେ, କୌଣସି ପ୍ରାଣୀ ସ୍ଥଳରେ ବାସ କରନ୍ତି । କୌଣସି ପ୍ରାଣୀ ଆକାଶରେ ଉଡ଼ି ପାରନ୍ତି ।

ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ସର୍ବପ୍ରଧାନ । ମନୁଷ୍ୟ ବୁଦ୍ଧିବଳରେ ସ୍ଥଳରେ, ଜଳରେ ଏବଂ ଆକାଶରେ ଯାଇ ଆସି ପାରେ । ମନୁଷ୍ୟମାନେ ପୃଥିବୀରେ ସମସ୍ତ ପଶୁଙ୍କୁ ଆୟତ୍ତ କରି ପାରନ୍ତି ।

ପଶୁମାନଙ୍କ ମଧ୍ୟରେ କେହି ଘାସ ପତ୍ରାଦି ଖାଇ, କେହି ଅନ୍ୟ ପଶୁର ମାଂସ ଖାଇ ବଞ୍ଚନ୍ତି । କେତେକ ପଶୁ ମନୁଷ୍ୟମାନଙ୍କ ସଙ୍ଗେ ଗ୍ରାମରେ ରହନ୍ତି, କେତେକ ପଶୁ ଅରଣ୍ୟରେ ରହନ୍ତି । ପକ୍ଷିମାନେ ପକ୍ଷ ସାହାଯ୍ୟରେ ଆକାଶରେ ଉଡ଼ି ପାରନ୍ତି । ଶିକାରୀ ପକ୍ଷୀ ଅନ୍ୟ ଜୀବକୁ ମାରି ତାହାର ମାଂସ ଖାନ୍ତି ।

ମତ୍ସ୍ୟମାନେ ଜଳରେ ରହନ୍ତି । ଏମାନଙ୍କର ପାଦ ନାହିଁ । ଏମାନେ ଡେଣା ଓ ଲାଞ୍ଜ ସାହାଯ୍ୟରେ ଜଳରେ ପହଁରି ପାରନ୍ତି । କେତେକ ମାଛ ଦେହରେ କାତି ଅଛି, ଆଉ କେତେକ ମାଛ ଦେହରେ କାତି ନାହିଁ । ମତ୍ସ୍ୟମାନେ ଅଣ୍ଡଜ ଅର୍ଥାତ୍ ଡିମ୍ବରୁ ଜାତ ହୁଅନ୍ତି ।

ମାଛ ପରି ସାପମାନେ ଅଣ୍ଡଜ ଅଟନ୍ତି । ସାପର ପାଦ ନାହିଁ । ସାପ ଛାତି ଭର ଦେଇ ଚାଲି ପାରେ । କେତେକ ସାପର ବିଷ ଅଛି, କେତେକ ସାପର ବିଷ ନାହିଁ ।

୨୨ଶ ପାଠ । ବାଘ ଓ ଠେକୁଆ ।

କୌଣସି ବନରେ ମହାବଳ ନାମରେ ଗୋଟିଏ ବାଘ ଥିଲା । ସେହି ବାଘ ପ୍ରତି-ଦିନ ଅନେକ ପଶୁ ମାରୁଥିଲା । ଦିନେ ପଶୁମାନେ ସଭା କରି ବାଘକୁ କହିଲେ—"ମଣିମା ! ପ୍ରତିଦିନ ଅନେକ ପଶୁ ଅକାରଣେ ହତ୍ୟା କରୁଅଛନ୍ତି, ଆମ୍ଭେମାନେ ପାଳି କରି ପ୍ରତିଦିନ ଗୋଟିଏ ଗୋଟିଏ ପଶୁ ଦେବୁଁ । ମଣିମା ତାହାକୁ ଭୋଜନ କରି ତୃପ୍ତ ହେବେ । ଅକାରଣେ ପଶୁ ବଧ କଲେ ଅଳ୍ପଦିନରେ ଏହି ବନ ପଶୁଶୂନ୍ୟ ହୋଇଯିବ ।"

ବାଘ ସେହି କଥା ଶୁଣି କହିଲା—"ହେଉ ତେବେ, ପ୍ରତିଦିନ ସକାଳ ହେଲାକ୍ଷଣି ଗୋଟିଏ ପଶୁ ପଠାଇ ଦେବ । ମାତ୍ର ଯେଉଁଦିନ ବିଳମ୍ବ କରିବ ସେହିଦିନ ଗୋଟିଏ ବଦଳରେ ଦଶଟି ପଶୁ ମାରିବ ।"

ପଶୁମାନେ ଆପଣା ଘରକୁ ଆସି ସେହିପରି କଲେ । ଦିନେ ଏକ ଠେକୁଆର ବାଘ ପାଖକୁ ଯିବାର ପାଳି ପଡ଼ିଲା । ସେ ବାଟରେ ଯାଉଁ୨ ଏକ କୂଅ ପାଖରେ ବସି ଚିନ୍ତା କଲା —"ଏହି ବାଘଟା ଅକାରଣେ କେତେ ପଶୁ ମାରି ଖାଇଲାଣି । ଆଜି ଏହାକୁ କୌଶଳ କରି ମାରିବ । ଏମନ୍ତେ ପଶୁମାନଙ୍କର ଭୟ ଦୂର ହେବ ।"

ସେହିଦିନ ଠେକୁଆ ବିଳମ୍ବ କରି ବାଘ ନିକଟକୁ ଗଲା । ବିଳମ୍ବ ହେତୁ କ୍ଷୁଧାରେ ଅସ୍ଥିର ହୋଇ ବାଘ ଠେକୁଆକୁ କ୍ରୋଧରେ କହିଲା—"ତୁ ଏତେ ବିଳମ୍ବ କରି କାହିଁକି ଆସିଲୁ ? ମୁଁ ତୋତେ ଖାଇ ସାରି ଆଜି ତୋର ବଂଶକୁ ନିର୍ମୂଳ କରିବି ।"

ଠେକୁଆ ହାତ ଯୋଡ଼ି କହିଲା—"ମଣିମା ମୁଁ ବାଟରେ ଆସୁ ଆସୁ ଗୋଟିଏ ବାଘ ମୋତେ ଖାଇବାକୁ ବସିଥିଲେ ମୁଁ ମଣିମାଙ୍କ ନାମ କହିବାରୁ ସେ କହିଲେ—"ମୋର ନାମ ଅତି ବଳ, ଏ ବନରେ ମହାବଳ ବୋଲି ଗୋଟାଏ ବାଘ କାହୁଁ ଆସିଲା ? ତୁ ଯା, ତାକୁ ସେନ ଆସିବୁ, ମୁଁ ଆଜି ତାକୁ ଖାଇବି । ମଣିମା ଏହି କାରଣରୁ ବିଳମ୍ବ ହୋଇଅଛି, ମୋର ଅପରାଧ ନାହିଁ ।"

ମହାବଳ ଏହା ଶୁଣି ଅତ୍ୟନ୍ତ କ୍ରୋଧରେ କହିଲା—"ଆଗ ଚାଲ ସେହି ବାଘକୁ ଦେଖାଇ ଦେବୁ । ତାକୁ ଦେଖାଇ ଦେଲେ ମୁଁ ତୋତେ ଛାଡ଼ି ଦେବି ।"



ଠେକୁଆ ତାହା ଶୁଣି ହାତ ଯୋଡ଼ି ଅଗ୍ରେ ବୃଦ୍ଧ ବାଘକୁ ବାଟ କଢ଼ାଇ ଘେନି ଗଲା । ଠେକୁଆ ସେହି କୂଅ ପାଖରେ ଉପସ୍ଥିତ ହୋଇ କହିଲା "ମହିମା ! ଏହା ଭିତରେ ଅଛନ୍ତି ।"

ମହାବଳ କୂଅ ପାଖକୁ ଯାଇ ଗୋଟିଏ ଗର୍ଜ୍ଜନ ଛାଡ଼ି କୂଅ ଭିତରକୁ ଅନାଇଲା । କୂଅପାଣିରେ ଆପଣାର ପ୍ରତିବିମ୍ବ ଦେଖି, ତାହାକୁ ଆଉ ଗୋଟିଏ ବାଘ ମନେ କରି, ତାହାକୁ ମାରିବା ସକାଶେ ତେଇଁ ପଡ଼ି ବୁଡ଼ି ମଲା ।

ଠେକୁଆ ବୁଦ୍ଧିରେ ବାଘ ନଷ୍ଟ ହେବାରୁ ପଶୁମାନେ ସେହି ବନରେ ସୁଖରେ ରହିଲେ ।

୨୩ଶ ପାଠ । ସନ୍ଧ୍ୟା ।

ରବି ଅସ୍ତ ହେଲେ ବେଳ ବୁଡ଼ିଲା, ଦିବସରୂପ କାଳଆ ପଡ଼ିଲା ।
ସନ୍ଧ୍ୟା ହେବାର ଦେଖି ପକ୍ଷିଯାକ, ବାସେ ଧାଇଁଲେ କରି ଡାକହାକ
ବାହୁଡ଼ାଇ ଗୋରୁ ସବୁ ଗଉଡ଼, ତାଙ୍କ ପଛେ ପଛେ କଲେ ଦଉଡ଼ ।

ହମ୍ବାରଡ଼ି ଛାଡି ଧୂଳି ଉଡ଼ାଇ,
ବାହୁଡ଼ି ଗୃହରେ ଧାଇଁଲେ ଗାଈ ।
ବଳଦମାନଙ୍କୁ ଚଷାଏ ଆଣିଲେ,
ଶ୍ରାନ୍ତି ଦୂର କରିବାକୁ ବସିଲେ ।
ଅନ୍ଧାର ଦେଖି ନିଶିଚରମାନେ,
ବାହାରିଲେ ଖାଦ୍ୟ ଅନୁସନ୍ଧାନେ ।
ବାଦୁଡ଼ି ଉଡ଼ିଲେ ଧାଡ଼କୁ ଧାଡ଼,
ବାହାରିଲେ ପେଚା କୋରଡ଼ ଛାଡ଼ି ।
ଫୁଟିଲେ ଫୁଲ ଯଥା ଜଳ ସ୍ଥଳେ,
ତଥା ନକ୍ଷତ୍ରେ ଆକାଶମଣ୍ଡଳେ ।
ଅଗସ୍ତି ଫୁଲ ପରି ବଙ୍କା ଏକା,
ଦ୍ୱିତୀୟ ଖଣ୍ଡଚନ୍ଦ୍ର ଦେଲା ଦେଖା ।
ବହିଲା ଧୀରେ ଶୀତଳ ପବନ,
ପୁଲକାଇ ଦେଲା ସବୁରି ମନ ।
ଏ ସବୁ ଯାହାଙ୍କ କୃପା ଭିଆଣ,
ଶିଶୁଏ ତାଙ୍କୁ ବନ୍ଦେ ବନ୍ଦ୍ୟ ଜାଣ ।

ଜହ୍ନମାମୁ ।

"ଅରେ ଜହ୍ନମାମୁ ଶରଦଶଶୀ,
କହେଇ ହାତରେ ପଡ଼ିବୁ ଖସି ।"
ତେଲ୍ କରୁଥିବ କହେଇ ବସି,
ଦରଗର ବନ୍ଧ ନ ଯିବୁ ଭୁଷି ।
[illegible]ରି ପିଲା ତତେ କରିବେ ଧୂଳି,
କହେଇ କରନ୍ତୁ ସୁନା ଖଟୁଲି,
ତୁମେ ଦହେଁ ବସି ଖେଳିବ ଦୋଳି,
ଗୃହିଁ ପକାଇବ ମୁଁ ହୁଳହୁଳି,
କହେଇ ବାପା ତ ଦୂରଦେଶୀ,
ଯୁଗେ ହେଲା ସବୁ ଗଲେଣି ଭୁଷି,
କଳା କାହ୍ନୁ ମୋର ଏକାକେ ବସି,
ଝୁରୁଛି ବାପଙ୍କୁ ଶୋକରେ ଭାସି ।
ମାମୁ ମାଈଁ ସବେ ଦୁଇ ପତ୍ନୀ
ମାଈଁ ପଞ୍ଚ କଲିଙ୍ଗୁଡ଼ୀ ସରଣୀ ।
ମାମୁ ଅସିବେ ରେ ତୋ ଡାକ ଶୁଣି,
ମାଈଁ ଯେ ମାରିବ ତାକୁ ଜହୁଣି ।
ମାମୁ ମାମୁ ବୋଲି ଡାକୁ କହେଇ,
ତୋର ମାମୁ କିନା, ନୁହଇ ମୋ ଭାଇ;
ପିଲାଦିନେ ମାମୁ ଡାକିଲି ମୁହିଁ
ଜନମ ହେଲୁ ତୁ, ହେଲା ମୋ ଭାଇ ।
ଅରେ ଜହ୍ନମାମୁ ଆସ ମୋ ଘର,
ଖାଇବାକୁ ଦେବ ଲବଣୀ ସର,
ପିଇବାକୁ କାଳୀ ଗାଈର କ୍ଷୀର
ଶୋଇବାକୁ ଦେବ ଶେଯ ସୁନ୍ଦର ।
ବସିବାକୁ ଦେବ ଖଟ ସୁପାଟ,
ଧରିବାକୁ ଦେବ ସ୍ୱର୍ଣ୍ଣ ଛତ;
ସଞ୍ଜବେଳେ ଦେବ ଚନ୍ଦନ ଭାତ,
କେତେବେଳେ କେଡ଼ା ନୋହିବ ବନ୍ଧ
ମୋର ସୁନା ପୁଅ ଭାଇ କବେଳ,
ହସିଲେ କାନ୍ଦିଲେ ଝଡ଼େ ମାଣିକ୍ୟ,

ପଣନ୍ତେ ଗୋଟାଇ ନବୁ ଯେତକ, କହ୍ନେଇବ ନାହିଁ ତାହାଙ୍କ ଦଳ ।
କଂହେଇ ରଖିଛୁ ରୁପୁଲି ବାଡ଼ି ଦହିଁଯାକ ଖେଳୁଥିବ ନଉଡ଼ି,
ପୁଅପଣ ଦଣ୍ଡେ ଟଳେ ତୁ ଛଡ଼ ମାମୁ ମାମୁ ବୋଲି ଛଡ଼ିବ ରଡ଼ ।
ଜହ୍ନମାମୁ ଘରେ ରହିବୁ ଅପି ବିଦା ହୋଇଯିବୁ ପୂନଅଁ ବାପି,
ବୋଝ ପକାଡ଼ିବ କହେଇ ହପି, ଅରେ ଜହ୍ନମାମୁ ନ ଯିବୁ ତୁଷି । (ଗୋ)

ବିଲୁଆ ନନା ।

ବିଲୁଆ ନନା ରେ ବିଲୁଆ ନନା, ଘର ପୋଡ଼ିଗଲା ପଛକୁ ଫନା ।
ଘରରେ ଥୋହର ନାହିଁ କି ମାମୁଁ, ଘର ପୋଡ଼ିଗଲା ହେଲୁ କି ବାମୁଁ ।
ନାଣ ହାତ ଦେଇ ମୁଣ୍ଡରେ ବସି ଭଙ୍ଗା ପାଡୁଅଛୁ, ଗଲୁ ତୁ ଖସି ।
ସିନ୍ଦୂର ଫରୁଆ ଜଳନପାତ୍ର ନିଆଁ ପାଉଁଶରେ ହେଲାଟି ପୋଡ଼ ।
ବିଲୁଆ ନନା ରେ ବିଲୁଆ ନନା ଅଣ୍ଟା ଭିଡ଼ ନିଆଁ ଲିଭାନୁ ସିନା ।
ନିର୍ଣ୍ଣୟ ଲୋକ ତୁ ଗଲୁ ପଳାଇ, ମାଇପି ଲୋକ ସେ ହେଉଛୁ ଦହି ।
ଛୁଚି ଲୁଚାଉଛୁ ଚଣବୁଦାରେ, ନାଣ ଚୋର ପଡ଼ିଅଛୁ ପଦାରେ ।
ବିଲୁଆ ନାକର ଖଣ୍ଡିଏ ପାଟ, ପାଟ ପୋଡ଼ିଗଲା ଲାଗିଛି ନାଟ ।
ବଡ଼ ଲୁଗା ଖଣ୍ଡେ ଆଣିବୁ ହାଟୁ ଟଙ୍କା ଦରବାରେ ନ ଲୁଚେ ଅଣ୍ଟୁ ।
ବିଲୁଆ ନନା ରେ ବିଲୁଆ ନନା ନାଣ ପିନ୍ଧିଅଛୁ ଛୋଟ ଟଙ୍କା ଜଣା ।
ଏବେ ଡାକିଲେ ତୁ ନ ଶୁଣୁ କାହିଁ ଘର କୁଢ଼ପାଖ ବେଢ଼ିଲା ନିଆଁ ।
ନିଆଁ ଲାଗିଗଲେ ପାଟ ସିନ୍ଦୁରେ ଲିଭାଇବାକୁ ତୁ ଦଉଡ଼ୁ ଖରେ ।
ଲାଗିଗଲେ ନିଆଁ ଆପଣା ଘରେ, ନସୁ ତୁ ଯାଇ ରେ ହିଡ଼ମୁଣ୍ଡରେ ।
ଲାଙ୍ଗୁଡ଼ ପୁରାଉ କଙ୍କଡ଼ାଗାତେ ଲାଙ୍ଗୁଡ଼ି ଉହାଇ ବେଙ୍ଗଡ଼ପୋ ହାତେ ।
ଭଟକଳରେ ଦିଏ କାମୁଡ଼, ହୁକେ ହୁକେ ବୋଲି ପକାଉ ରଡ଼ ।
ବିଲୁଆ ନନା ରେ ବିଲୁଆ ନନା, ତୁଲ ଚିହ୍ନିବାକୁ ଉଠେ ରେ ମନା । (ଗୋ)

ସ ମା ପ୍ତ ।

କଟକ ଏଡ଼ଓ୍ୱାର୍ଡ ପ୍ରେସରେ ସେଖ୍ ନଜର ମହମ୍ମଦ ଭଲ୍ଲୀକ ମୁଦ୍ରିତ । ୧୯[illegible]

ଅଧାକ୍ଷ ଶ୍ରୀ:ଉପାଗର ଉଦ୍ଦେଶ୍ୟର ମହୋଦୟଙ୍କ ଉକ୍ତି ଅନୁସାରେ ।
ଆରମ୍ଭ ମଧ୍ୟଶାଳସମୂହର ପାଠୋପଯୋଗୀ ଉତ୍କୃଷ୍ଟ ଓଡ଼ିଆ
ପୁସ୍ତକମାନ ଓ ତହିଁର ଅର୍ଥ ପୁସ୍ତକ ଏବଂ ଟେକସଟଗ
ମିଲେଖନ୍ ଅନୁଯାୟୀ ଉଲଛପୁସ୍ତ ଏବଂ
ଝରୂପଭ ମୂଲ୍ୟ ।

ବର୍ଣ୍ଣବୋଧ	[illegible]	ବର୍ଣ୍ଣବୋଧାର୍ଥ ...	[illegible]
ବର୍ଣ୍ଣବୋଧ (ପ୍ରଥମ ଶ୍ରେଣୀର ଛାତ୍ରଙ୍କ ମନୋରଞ୍ଜନ ନିମନ୍ତେ ଚିତ୍ର ଓ ଦେଶୀୟ ଉପଦେଶ) ବର୍ଣ୍ଣରେ ଶୋଭିତ ଚିତ୍ର ପ୍ରତ୍ୟେକ ବର୍ଣ୍ଣ ଶୋଭିତ ଶିର ସହିତ			[illegible]
ଶିଶୁପାଠ (ସ୍ୱର ଓ ଚିତ୍ର)	[illegible]	ନକସା	[illegible]
ନୂଆ ଛବି ବର୍ଣ୍ଣବୋଧ (ପ୍ରଥମ ଓ ଦ୍ୱିତୀୟ ଭାଗ ଏକତ୍ର ବାନ୍ଧିବା) ...			[illegible]
ଶିଶୁପାଠ ...	[illegible]	ନ୍ୟୁ ରଚନା (ସଚିତ୍ର) ...	[illegible]
ଶିଶୁପାଠ	[illegible]	ଶିଶୁପାଠ ଅର୍ଥ	[illegible]
ବାଳପାଠ ୧ମ ଭାଗ ...	[illegible]	ବାଳପାଠ ୧ମ ଭାଗ	[illegible]
ବାଳପାଠ ୨ୟ ଭାଗ ...	[illegible]	ବାଳପାଠ ୨ୟ ଭାଗ	[illegible]
ନବ ବୋଧ	[illegible]	ନବ ବୋଧର ମାନେ ଅର୍ଥପୁସ୍ତକ	[illegible]
ନବ ଉପଦେଶ	[illegible]	ନବ ପୁସ୍ତକର ମାନେ	[illegible]
ନବ ଶିକ୍ଷାବଳୀ	[illegible]	ନବ ଶିକ୍ଷାବଳୀର ଅର୍ଥ	[illegible]
ଶୁଭଙ୍କରୀ	[illegible]	ମାନସାଙ୍କ ଓ ଲୋକକୃତଗଣ ...	[illegible]
ଗଣିତ ସାର	[illegible]	ପତ୍ରଲିଖନ ବା ଚିଠିମାଳା ...	[illegible]
ଉପକ୍ରମଣିକା ବା ଶବ୍ଦ ରଚନା			[illegible]
ବ୍ୟାକରଣବୋଧ ...	[illegible]	ବ୍ୟାକରଣରହସ୍ୟ ...	[illegible]
ବ୍ୟାକରଣବୋଧ (ଉପ କଥାର୍ଥ ସହ ବାହାହର କୃତିତ୍ୱ)			[illegible]

ଉପରୋକ୍ତ ପୁସ୍ତକମାନ କଟକ ଏଣ୍ଡ ଆର୍ଟ ପ୍ରେସର ପ୍ରୋପ୍ରାଇଟର
ଓ କଟକରେ ଆସ୍ତବଙ୍କ ଶ୍ରୀ ବାଳକୃଷ୍ଣ —କଟକ ପୋ, ଅ, ମୁଦ୍ରଣାଳୟରୀ